


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ଗୁରୁବାର ୨୨ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 OCTOBER 2020

Vol.No. 30 ■ No. 269 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


## କରୋନାରୁ ଆଉ ୨୭୧୬ ସୁସ୍ଥ

ଭୁବନେଶ୍ୱର,୨୧।୧୦ (ନି.ପ୍ର): ରାଜ୍ୟରୁ ବୁଧବାର ଦିନ ଆଉ ୨୭୧୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଯାବତ ୨,୫୪,୯୧୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇସାରିଲେଣି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟର ଜରିଆରେ ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଗତ ୨୪ ଘଂଟାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୮୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡ଼ରୁ ୨୦୬ଜଣ, ଅନୁଗୁଳରୁ ୨୦୧, ମୟୂରଭଞ୍ଜରୁ ୧୫୬ଜଣ, କଟକରୁ ୧୧୯ଜଣ, ନୂଆପଡ଼ାରୁ ୧୦୬ଜଣ, ବଲାଙ୍ଗୀରରୁ ୧୦୫ଜଣ, ବରଗଡ଼ରୁ

▶▶ପୃଷ୍ଠା ୭

# ଆଜି ଅବପାତରେ ପରିଣତ ହେବ ଲଘୁଚାପ

## ୨୪ ଯାଏଁ ଓଡିଶାରେ ବର୍ଷା

ଭୁବନେଶ୍ୱର ,୨୧।୧୦ (ନି.ପ୍ର): ବଙ୍ଗୋପସାଗର ଅଂଚଳରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ୱେଲମାର୍କ ଲୋ ପ୍ରେସରରେ ପରିଣତ ହୋଇଛି । ଆସନ୍ତାକାଲି (ଗୁରୁବାର)ଏହା ଅବପାତରେ ପରିଣତ ହୋଇ ପରବର୍ତ୍ତୀ ୨୪ଘଂଟାରେ ଗଭୀର-ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ଉତରଉତରପୂର୍ବ ଦିଗରେ ଗତି କରି ଓଡିଶା ଉପକୂଳ ଦେଇ ଆଗାମୀ ୪୮ଘଂଟାରେ ପଶ୍ଚିମବଙ୍ଗ-ବଙ୍ଗଳାଦେଶ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଏହାର ପ୍ରଭାବରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ଜିଲ୍ଲା ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହୋଇପାରେ । ବର୍ଷା ଯୋଗୁଁ ତଳିଆ ଅଂଚଳରେ ପାଣି ପଶିଯିବା ସହ ପାହାଡିଆ ଅଂଚଳରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି । ବର୍ଷାରେ କଚ୍ଚା ଘର ଓ ରାସ୍ତା ପ୍ରଭାବିତ ହେବା ସହ ସହରଗୁଡିକରେ ଟ୍ରାଫିକ୍ ସମସ୍ୟା ଉପୁଜିପାରେ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା



ରହିଥିବାରୁ ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ,ବାଲେଶ୍ୱର, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୩ ତାରିଖ ମଧ୍ୟରେ ଗଞ୍ଜାମ,

▶▶ପୃଷ୍ଠା ୭

## ଗିରଫ ପରେ ଜେଲ୍ ଗଲେ କୋଟିପତି ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୨୦।୧୦ (ନି.ପ୍ର): ଆୟବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କୋଟିପତି ଇଂଜିନିୟର ରବୀନ୍ଦ୍ର ନାଥ ପ୍ରଧାନଙ୍କୁ ଭିଜିଲାନ୍ସ ଗିରଫ କରିଛି । ଜାମିନ୍ ନାମଂଜୁର ହେବାରୁ ଭିଜିଲାନ୍ସ କୋର୍ଟ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି । ଭିଜିଲାନ୍ସର ଚଢାଉ ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କର ୬ କୋଟି ୫୮ ଲକ୍ଷ ୫୮ ହଜାର ୪୫୦ ଟଙ୍କାର ଟଙ୍କାର ସଂପତି ଠାବ ହୋଇଛି । ମୋଟ ଆୟର ୨୪୧% ବେଆଇନ ରହିଛି ବୋଲି ଭିଜିଲାନ୍ସ କହିଛି । ରବୀନ୍ଦ୍ର ନାଥଙ୍କର ନୟାପଲ୍ଲୀ ବେହେରାସାହିରେ ଥିବା ତିନି ମହଲା କୋଠା, ଶାସ୍ତ୍ରୀନଗରରେ ଥିବା ଦୁଇ ମହଲା କୋଠା, ବାଲିଅନ୍ତା ନୂଆଗାଁ-କଂଟିଲୋ ରାସ୍ତାରେ ଥିବା ଆପାର୍ଟମେଂଟ, ବାଲିଅନ୍ତା କୁରୁଂଟିରେ ସମ୍ପର୍କୀୟଙ୍କ ଘର, ଅଫିସ୍, ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧୀନ ଅଯୋଧାନଗରରେ ଥିବା ପୈତୃକ ଘରେ ଏକକାଳୀନ ଚଢାଉ କରି ବିପୁଳ ପରିମାଣର ସଂପତି ଠାବ କରିଛି ଭିଜିଲାନ୍ସ । ଏହାବ୍ୟତୀତ ଶ୍ରୀ ପ୍ରଧାନଙ୍କ ନହରକଂଟା, ପୋଲସରା, ବୁଗୁଡ଼ା ଓ ଗଂଜାମରେ ୪୩ ଲକ୍ଷ ଟଙ୍କାର ୮ଟି ଜମି, ୭୨ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ନଗଦ ପ୍ରାୟ ୨୫ ହଜାର ଟଙ୍କା, ୫୪ଗ୍ରାମ ସୁନା ଅଳଙ୍କାର, ଗୋଟିଏ ହ୍ୟୁଣ୍ଡାଇ କ୍ରେଟା ଓ ହୋଣ୍ଡା ଆମେଜ କାର୍ ରହିଛି । ସୂଚନା ଅନୁସାରେ, ଭୁବନେଶ୍ୱର

▶▶ପୃଷ୍ଠା ୭

## ମାଓବାଦୀଙ୍କ ବର୍ବରତା : ପୋଲିସ ସୂଚନାଦାତା ଦର୍ଶାଇ ଜଣକୁ ହତ୍ୟା କଲେ



ମାଲକାନଗିରି,୨୧।୧୦ (ନି.ପ୍ର): ମାଓବାଦୀଙ୍କ ବର୍ବରତା । ପୁଣି ପୁଣି ଥରେ ରକ୍ତମୁଖା ହୋଇଛନ୍ତି ଲାଲ ବାହିନୀ । ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ଯୋଡ଼ାମ୍ବ ନିକଟ ଖଜୁରୀ ଗୁଡା ଠାରେ ମାଓବାଦୀ ମାନେ ଜଣଙ୍କୁ ଗଳା କାଟି ହତ୍ୟା କରିବା ସହ ଦୁଇ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ତେବେ ଆହତମାନଙ୍କୁ ପରିବାର ଲୋକେ ହସ୍ପିଟାଲରେ ଭର୍ତି କରିଥିବା ଜଣାପଡିଛି । ସୂଚନା ଅନୁସାରେ ଗତକାଲି ମାଓବାଦୀମାନେ ବିଏସଏଫ ଯବାନଙ୍କୁ ଟାର୍ଗେଟ କରି ଜୋଡା ମ୍ବ ଥାନା ଅନ୍ତର୍ଗତ ଗୋରାସେତୁ ନିକଟସ୍ଥ ପୁଟୁଗନ୍ଧି ପୁରୁଣା ପୋଲ ଠାରେ ସାତ ଟି ବମ କୁ ଉଦ୍ଧାର କରିଥିଲେ ଯବାନ । ଏ ବିଷୟରେ ପୋଲିସକୁ ଖଜୁରୀଗୁଡ଼ାର ଜଣେ ବ୍ୟକ୍ତି ସୂଚନା ଦେଇ ଥିବାର ସନ୍ଦେହ କରିବା ସହ ଗତକାଲି ରାତ୍ର ରେ ପ୍ରାୟ ୩ ୦ଜଣ ମାଓବାଦୀ ଖଜୁରୀଗୁଡ଼ା ଗ୍ରାମରେ ପହଂଚି ଦାସୁ ଖେମୁଣ୍ଡୁ ଙ୍କ ସହ ଅନ୍ୟ ଦୁଇ ଜଣକୁ ଡାକି ନେଇଥିଲେ । ସେମାନଙ୍କ ମଧ୍ୟରୁ ଦାସୁ କୁ ପିଟିପିଟି ହତ୍ୟା କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ନିସ୍ଠୁକମାଡ଼ ମାରି ଚେତାବନୀ ଦେଇ ଛାଡି ଦେଇଥିଲେ । ଏହା ପରେ ଘଟଣାସ୍ଥଳରୁ ଚାଲିଯାଇଥିଲେ ।ଆଜି ସକାଳୁ ପୋଲିସ ଓ ବିଏସଏଫ ଯବାନ ଘଟଣା ସ୍ଥଳରେ ପହଂଚି ମାଓବାଦୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ଚଳାଇଛନ୍ତି ।ପ୍ରକାଶ ଥାଉକି ଗୁରୁପ୍ରିୟା ସେତୁ ନିର୍ମାଣ ହେବା ପରେ ଏକଦା ମାଓବାଦୀଙ୍କ ଲାଲ କରିଡର ଥିବା ସ୍ୱାଭିମାନ ଅଂଚଳ ରେ ରାସ୍ତାଘାଟ ନିର୍ମାଣ ହେବା ସହ ପୋଲିସ ଥାନା ଓ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ହେବା ଯୋଗୁଁ ମାଓବାଦୀ ସ୍ଥାନୀୟ ଗ୍ରାମବାସୀଙ୍କ ସମର୍ଥନ ହରାଇବାକୁ ବସିଲେଣି ।ଏଥିଯୋଗୁଁ ମାଓବାଦୀ ମାନେ ରକ୍ତ ମୁଖାହୋଇ ନିରୀହ ଲୋକଙ୍କୁ ସୂଚନା ଦାତା ଦର୍ଶାଇ ହତ୍ୟାକରି ଗ୍ରାମ ବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛନ୍ତି ।

## ବିଜେଡି ନିର୍ବାଚନୀ ସଭାରେ ମହିଳାଙ୍କ ବିରୋଧ ପ୍ରଦର୍ଶନ

### ମଦ କାରବାର ବନ୍ଦ ନ ହେଲେ କେହି ଦେବେନି ଭୋଟ

ବାଲେଶ୍ୱର,୨୧।୧୦ (ନି.ପ୍ର): ଗଣତନ୍ତ୍ରର ମହାକୁମ୍ଭ ଭାବେ ପରିଚିତ 'ନିର୍ବାଚନ'ର ପରିଚାଳନା ପାଇଁ ସମ୍ପ୍ରତି ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଟଙ୍କା ଓ ମଦକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପ୍ରଥମଥର ପାଇଁ ସଦର ଉପ-ନିର୍ବାଚନରେ ଏହାକୁ ବିରୋଧ କରାଯାଇଛି । ସଦର ନିର୍ବାଚନମଣ୍ଡଳୀର ବୁଆଁଳ ପଞ୍ଚାୟତରେ ବିଜେଡି ପକ୍ଷରୁ ଚାଲିଥିବା ଏକ ନିର୍ବାଚନୀ ସଭାରେ ସ୍ଥାନୀୟ ମହିଳାମାନେ



ବିରୋଧ ପ୍ରଦର୍ଶନ କରିଥିଲେ । ଏ ଅଞ୍ଚଳରେ ମଦ କାରବାର ବନ୍ଦ ନ ହେଲେ କେହି ଭୋଟ ଦେବେନାହିଁ ବୋଲି ସଭାମଞ୍ଚ ସମ୍ମୁଖରେ ମହିଳାମାନେ ପାଟିକରି କହିଥିଲେ । ଏହି ମଦ ଓ ଗୁଣ୍ଡାରାଜ ପାଇଁ ଏ ଅଞ୍ଚଳର ଯୁବଗୋଷ୍ଠୀ ବିପଥଗାମୀ ହୋଇଥିବା ବେଳେ ନିକଟ ଅତୀତରେ ଜଣେ ଯୁବକଙ୍କୁ ଆକ୍ରମଣ କରି ମାରି ଦିଆଯାଇଛି । ଏ ପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ । ତା' ପରେ ବି ଭୋଟ ମାଗିବାକୁ କାହିଁକି ଆସିଛନ୍ତି ବୋଲି ନିର୍ବାଚନୀ ସଭାରେ ଭାଷଣ ହେଉଥିବା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଅରୁଣ ଦେଙ୍କୁ ମହିଳାମାନେ ପ୍ରଶ୍ନ କରିଥିଲେ । ଏଭଳି ଅପ୍ରାତିକର ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଦୁଇ ବିଜେଡି ନେତାଙ୍କ ସମେତ ସ୍ଥାନୀୟ ଦଳୀୟ କର୍ମୀଙ୍କୁ ଅପଦସ୍ଥ ହେବାକୁ ପଡ଼ିଥିଲା ।

## ଭୁବନେଶ୍ୱର ବିଜେପିରେ ୧୨ ମଣ୍ଡଳ ସଭାପତିଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨୧।୧୦ (ନି.ପ୍ର): ଭାରତୀୟ ଜନତାପାର୍ଟି ଭୁବନେଶ୍ୱର ପକ୍ଷରୁ ଜିଲ୍ଲାସଂଗଠନକୁ ଅଧିକ କ୍ରିୟାଶୀଳ କରିବାପାଇଁ ଜିଲ୍ଲା ପ୍ରଭାରୀ ଭୁବନ ମୋହନ ଜେନାଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ବାବୁ ସିଂ ୧୨ ଟି ମଣ୍ଡଳର ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଏକାମ୍ର ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଲିଙ୍ଗରାଜ ମଣ୍ଡଳର ସଭାପତି ଭାବେ ସୁରେନ୍ଦ୍ର ପ୍ରଧାନ, ଖଣ୍ଡଗିରି ମଣ୍ଡଳର ରାମଚନ୍ଦ୍ରରଣସିଂହ,

▶▶ପୃଷ୍ଠା ୭

### ବିହାରରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

# ବିହାରୀବାସୀ ପୁଣି ମୋଦି-ନୀତିଶଙ୍କ ଡବଲ ଇଞ୍ଜିନ୍ ସରକାରକୁ ନିଶ୍ଚିତ ସମର୍ଥନ କରିବେ : ଧର୍ମେନ୍ଦ୍ର

ବିହାର/ଭୁବନେଶ୍ୱର,୨୧।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିହାରର ବିକାଶ ଏବଂ ଲୋକଙ୍କ କଲ୍ୟାଣ ପାଇଁ ନିରନ୍ତର ଉଦ୍ୟମ କରୁଥିବା ବେଳେ ବିହାରବାସୀ ଏହି ନିର୍ବାଚନରେ ପୁଣି ଥରେ ମୋଦି-ନୀତିଶଙ୍କ ଡବଲ ଇଞ୍ଜିନ ସରକାରକୁ ନିଶ୍ଚିତ ସମର୍ଥନ କରିବେ ବୋଲି ସେଠାରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ବିହାରର ବାଙ୍କା, ଭାଗଲପୁର, ପାଟନାରେ ନିର୍ବାଚନ ପ୍ରଚାର କରିବା ପରେ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଦେଶରେ ଅନେକ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ



ରହିଛନ୍ତି ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ଦେଶର ବିକାଶ ଦ୍ରୁତଗାମୀ ହୋଇଛି । ବିହାର ଠାରୁ ଦେଶର କୋଣ ଅନୁକୋଣ ପର୍ଯ୍ୟନ୍ତ ଗରିବଙ୍କୁ ଘର, ବିଜୁଳି, ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି । କୃଷି, ଉଦ୍ୟୋଗ, ସ୍ୱାସ୍ଥ୍ୟ, ଶିକ୍ଷା ତଥା ସବୁ କ୍ଷେତ୍ରରେ ଉନ୍ନତି ହୋଇଛି । ତେଣୁ ଏହି ବିକାଶର କାମକୁ ଆଗକୁ ନେବା ପାଇଁ ମୋଦି ସରକାରଙ୍କ ଅନୁଗାମୀଙ୍କୁ ଜିତାଇବାର ଆବଶ୍ୟକତା ରହିଛି । ଅପରପକ୍ଷରେ କଂଗ୍ରେସ ଦଳ ପାଖରେ କୌଣସି ପ୍ରସଙ୍ଗ ନାହିଁ । କଂଗ୍ରେସ ଦଳର ନେତା ପାକିସ୍ତାନର ଭାଷା କହୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପୂର୍ବ ଭାରତର ବିକାଶ ନହେଲେ ସମଗ୍ର ଭାରତର ବିକାଶ ଅସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ତେଣୁ ବିହାର ସମେତ ପୂର୍ବ ଭାରତର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦି ପ୍ରତିଶ୍ରୁତିବଦ୍ଧ । ସେହିପରି ଭାରତ ଧୀରେଧୀରେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ରୂପେ ଉଭା ହେଉଛି । ତେବେ ଭାରତକୁ ବିଶ୍ୱଗୁରୁ କରିବା ପାଇଁ ମୋଦି ସରକାରଙ୍କ ହାତ ମୁଠାକୁ ଅଧିକ ଟାଣ କରିବାର ଆବଶ୍ୟକତା ରହିଛି ।

▶▶ପୃଷ୍ଠା ୭

## ରାଜଧାନୀରେ ସୁସ୍ଥ ହେଲେଣି ୨୫ ହଜାର

ଭୁବନେଶ୍ୱର,୨୧।୧୦ (ନି.ପ୍ର): ଭୁବନେଶ୍ୱରରୁ ବୁଧବାର ଆଉ ୨୩୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୬୩ ଜଣ ସଂଗରୋଧ ଓ ୧୭୬ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ସେହିପରି ଗୋଟିଏ ଦିନରେ ୩୦୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଆଉ ୨ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୭,୯୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୫,୦୬୦ ଜଣ ସୁସ୍ଥ ହୋଇସାରିଛନ୍ତି ।୨,୬୮୪ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୪୪ ଜଣଙ୍କର ମୃତ୍ୟୁ ହୋଇଛି । ସଂଗରୋଧରୁ ଚିହ୍ନଟ ୬୩ ଆକ୍ରାନ୍ତଙ୍କ ମଧ୍ୟରେ ବରମୁଣ୍ଡାରୁ ୬ ଜଣ, ୟୁନିଟ୍ ୮ ରୁ ୪ ଜଣ, ପଟିଆ, ଶୈଳଶ୍ରୀ ବିହାର, ପୁରୁଣା ଭୁବନେଶ୍ୱର , ଆଇଆରସି ଭିଲେଜ , ନୟାପଲ୍ଲୀ, ଚିନ୍ତାମଣିଶ୍ୱର , ଡୁମଡୁମା , ନିଳାଦ୍ରୀବିହାରରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତ ରହିଛନ୍ତି । ୧୭୬ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆରୁ ୧୦ ଜଣ, ଚନ୍ଦ୍ରଶେଖରପୁରରୁ ୯ ଜଣ, ସତ୍ୟନଗର,

▶▶ପୃଷ୍ଠା ୭

## ବଢିଲା ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ

ଭୁବନେଶ୍ୱର,୨୧।୧୦ (ନି.ପ୍ର): କୋଭିଡ୍- ୧୯ କଟକଣା ମଧ୍ୟରେ ରାଜ୍ୟର ୨ ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନୀ ଖର୍ଚ୍ଚକୁ ୧୦% ବୃଦ୍ଧି କରାଯାଇଛି । ପୂର୍ବରୁ ପ୍ରାର୍ଥୀ ମାନେ ୨୮ ଲକ୍ଷ ଖର୍ଚ୍ଚ କରୁଥିବା ବେଳେ ଏହାକୁ ୩୦ ଲକ୍ଷ ୮୦ ହଜାରକୁ ବୃଦ୍ଧି କରାଯାଇଛି । ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ବିଧିବଦ୍ଧ ଭାବେ ଏହି ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ, କୋଭିଡ ମହାମାରୀ ସମୟରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚରେ ୧୦% ବୃଦ୍ଧି କରିବା ପାଇଁ ନିର୍ବାଚନ ଆୟୋଗ ସୁପାରିସ୍ କରିଥିଲେ । ମହାମାରୀ ମଧ୍ୟରେ ରାଲି ଆୟୋଜନ କରିବା ସହିତ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ପ୍ରକାରର କୋଭିଡ୍-୧୯ ପ୍ରତିବନ୍ଧକ ମଧ୍ୟରେ ପ୍ରାର୍ଥୀମାନେ ପ୍ରଚାରରେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଧ୍ୟାନରେ ରଖି ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୁପାରିସ୍ କରା ଯାଇଥିଲା ।

## ଭୋଟରଙ୍କୁ ପ୍ରଲୋଭିତ କରୁଛନ୍ତି ମନ୍ତ୍ରୀ : ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର,୨୧।୧୦ (ନି.ପ୍ର): ବାଲେଶ୍ୱର ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ଭୋଟରଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରିଚାଲିଛନ୍ତି । ଏହା ବିରୁଦ୍ଧରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ପ୍ରସଙ୍ଗରେ ଏକ ସ୍ମାରକ ପତ୍ର



ପ୍ରଦାନ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ବିଜେପି ଅଭିଯୋଗ କରିଛି ଯେ ନିର୍ବାଚନ ପ୍ରଚାର ସମୟରେ ଅକ୍ଟୋବର ୧୮ ତାରିଖରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସଦର ନିର୍ବାଚନ ମଣ୍ଡଳୀ ପାରିଖି ପଂଚାୟତରେ ବିଦ୍ୟୁତ ସଂଯୋଗୀ କରଣ କରିବା, ଟ୍ରାନ୍ସଫରମର ନୂଆ ଲଗାଇବା ଏବଂ ୩ ଫେଜ୍ ଲାଇନ ଟଣାଯିବା ନେଇ ଭୋଟରଙ୍କୁ ପ୍ରତିଶୃତି ଦେଇଥିଲେ ।

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ

ମାଲକାନଗିରି,୨୧।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର୍ ଗାଡି ଭଡ଼ା ବିଲ କରିବା ପାଇଁ ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସୂଚନା ମୁତାବକ ଭିଜିଲାନ୍ସ ଜାଲରେ ମାଲକାନଗିରି ଜିଲ୍ଲା ପଡ଼ିଆ ମେଡିକାଲ ବ୍ଲକ ପ୍ରୋଗ୍ରାମ ମେନେଜର ଶ୍ରୀମନ୍ତ ଅତିବୃଦ୍ଧି ଗାଡି ଭଡା ବାବଦ ବିଲ କରିବା ପାଇଁ ୨୦ ହଜାର ଲାଂଚ ନେଉଥିବା ବେଳେ ମାଲକାନଗିରି ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ।ରାକେଶ ଚନ୍ଦ୍ର ଦାସଙ୍କ ବୋଲେରୋ ଗାଡି ମେଡିକାଲ ରେ ଭଡା ଲାଗିଥିବା ବେଳେ ଏହାର ବିଲ କରାଇ ଦେବା ପାଇଁ ବିପିଏମ ଶ୍ରୀମନ୍ତ ଅତିବୃଦ୍ଧି ୨୦ ହଜାର ଲାଂଚ ମାଗିଥିଲେ ।

▶▶ପୃଷ୍ଠା ୭

# ଗୁଣୁପୁର ମହାବିଦ୍ୟାଳୟରେ ମୁକ୍ତ ଶୈକ୍ଷିକ ସମ୍ବଳ ଉପରେ ଏକ ୱେବିନାର

ଗୁଣୁପୁର,୨୧।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସଦର ମହକୁମାରେ ସ୍ଥିତ ଗୁଣପୁର ମହାବିଦ୍ୟାଳୟର ଆଇକ୍ୟୁଏସି ଏବଂ ଶିକ୍ଷା ବିଭାଗର ସମ୍ମିଳିତ ଉଦ୍ୟମରେ ମଙ୍ଗଳବାର ଦିନ 'ମୁକ୍ତ ଶୈକ୍ଷିକ ସମ୍ବଳ (ଓଇଆ)' ପ୍ରସଙ୍ଗ ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ୱେବିନାରରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ଜୟପୁର ପ୍ରଫେସର ତ୍ରିନାଥ ପ୍ରସାଦ ରଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଆଇସିଟିର ପ୍ରୟୋଗ ଓ ପରିଣାମ; ଓଇଆରର ଆବଶ୍ୟକତା ଏବଂ ଗୁରୁତ୍ୱ ତଥା ଶିକ୍ଷାର ବାର୍ତ୍ତମାନିକ ସ୍ଥିତି ସମ୍ପର୍କରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ରାଜ୍ୟ




ପ୍ରବରଣ ମଣ୍ଡଳୀ, ଭୁବନେଶ୍ୱରର ପୂର୍ବତନ ସଚିବ ତଥା ସଦସ୍ୟ ଡକ୍ଟର ଧୀରେନ୍ଦ୍ର କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବରେ ଅଂଶଗ୍ରହଣ କରି 'ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଆଇସିଟିର ପ୍ରୟୋଗ ଓ ମୁକ୍ତ ଶୈକ୍ଷିକ ସମ୍ବଳ' ପ୍ରସଙ୍ଗ ଉପରେ ସମ୍ୟକ ଆଲୋଚନା କରିଥିଲେ । ଓଇଆର କ'ଣ, ଓଇଆର୍‌ର ମୁଖ୍ୟ ସ୍ରୋତ କ'ଣ ଓ ଏହାର ବ୍ୟାପକ ପ୍ରୟୋଗରେ ଶିକ୍ଷା କ୍ଷେତ୍ରରେ କିପରି ଉନ୍ନତି ଆସିବ ସେସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷା ବିଭାଗର ଅଧାପିକା ଶ୍ରମତୀ ପୁଷ୍ପାଳୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇକ୍ୟୁଏସି ସଦସ୍ୟ ଅଧାପକ ଜଗନ୍ନାଥ ଦୀପ୍ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ଶ୍ୟାମସୁନ୍ଦର ମହନ୍ତ ୱେବିନାରକୁ ସଂଚାଳନ କରିଥିଲେ । ଏଥିରେ ଆଇକ୍ୟୁଏସି ସଂଯୋଜକ ଅଧାପକ ଅମୀୟ ରନ ମହାନ୍ତି, ପ୍ରଶାସନିକ ମାର୍ଗଦର୍ଶକ ଅଧାପକ ଶଶିଭୂଷଣ ମହାନ୍ତି, ଅଧାପକ ରାମଚନ୍ଦ୍ର ପଣ୍ଡା, ଅଧାପିକା ଦେବୀଶ୍ରୀ ମହାପାତ୍ର, ଅଧାପକ ଡୋଳାମଣି କୁମ୍ଭାର, ଅଧାପିକା ଡକ୍ଟର ଦୀପିକା ପଟ୍ଟନାୟକ ସମେତ ବହୁ ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ବିଦ୍ୟୁତ ଦର ବୃଦ୍ଧି ପ୍ରତ୍ୟାହାର ଦାବିରେ ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୧।୧୦ (ନି.ପ୍ର): ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ରାଜ୍ୟ ବିଦ୍ୟୁତ୍ ନିୟାମକ ବୋର୍ଡ ଅଫିସ୍ ସମ୍ମୁଖରେ ଟିଭି ଓ କମ୍ପ୍ୟୁଟର ପୋଡି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଡ. ସ୍ମୃତିରଂଜନ ଲେଙ୍କା କହିଥିଲେ କରୋନା ମହାମାରୀ ସମୟରେ ଜୀବନ ଜୀବିକା ପାଇଁ ଲଢ଼େଇ କରୁଥିବା ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ ଦର ବୃଦ୍ଧି ସେମାନଙ୍କ ଉପରେ ଏକ ଶକ୍ତ ଆଘାତ ଆଣିଦେଇଛି । ଯେଉଁ ସମୟରେ ବିଦ୍ୟୁତ ବ୍ୟବହାରର ୨୨ଭାଗ ଜଳ ବିଦ୍ୟୁତରୁ ଆସୁଛି ଏବଂ ୧୦ ଭାଗ ସୌରଶକ୍ତିରୁ ତ୍ୱରାନ୍ୱିତ ହେଉଛି ସମସ୍ତ ଆବଶ୍ୟକ ବିଦ୍ୟୁତ କ୍ରୟକୁ ମିଶାଇଲେ ୟୁନିଟ୍ ପିଛା କ୍ରୟମୂଲ୍ୟ ସର୍ବମୋଟ ଟ. ୨.୮୦ ପଇସାରୁ ଉର୍ଦ୍ଧ୍ୱ ହେବ ନାହିଁ । ଉତ୍ପାଦନ ଖର୍ଚ୍ଚ ଏତେ କମ୍ ଥାଇ ବିକ୍ରି ଖର୍ଚ୍ଚ ବୃଦ୍ଧି କରିବା ନିଶ୍ଚିତ ଭାବେ ନିନ୍ଦନୀୟ । ରାଜ୍ୟର ବଡ଼ ବିଭିନ୍ନ ବିତରକ କମ୍ପାନୀ ଓ ବଡ଼ ବଡ଼ କମ୍ପାନୀମାନଙ୍କ ଉପରେ ପାଖାପାଖି ୬ହଜାର କୋଟି ଟଙ୍କା ବକେୟା ଥିବାବେଳେ ରାଜ୍ୟ ସରକାରଙ୍କ ଉପରେ ବାକିଥିବା ୨.୫ ହଜାର କୋଟି ଟଙ୍କା ମଧ ଆଦାୟ ହୋଇନାହିଁ । ତେଣୁ ଏହିଭଳି ସ୍ଥଳେ ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ ଦର ବୃଦ୍ଧିକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଦୃଢ଼ ବିରୋଧ କରୁଛି । ଆଗାମୀ ଦିନରେ ଯଦି ବିଜୁଳି ଦର ହ୍ରାସ ନହୁଏ ତେବେ ଯୁବ କଂଗ୍ରେସ ସମସ୍ତ ଜିଲ୍ଲା ଓ ବ୍ଲକରେ ଆନ୍ଦୋଳନକୁ ତୀବ୍ରତର କରିବା ସହ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଆଇନ୍‌କୁ ହାତକୁ ନେବାକୁ ମଧ ପଛଘୁଂଚା ଦେବନାହିଁ ବୋଲି ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନ୍‌ଗୋ ଯୋଗଦେଇ ବିଦ୍ୟୁତ୍ ନିୟାମକ ବୋର୍ଡ ପ୍ରଶାସନ ଓ ରାଜ୍ୟ ସରକାର ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଉଭୟଙ୍କ ଉପରେ ବର୍ଷିଥିଲେ । ଆସନ୍ତା ୨୨ ଅକ୍ଟୋବର ଗୁରୁବାର ଦିନ ସନ୍ଧ୍ୟା ୬ ଘଟିକାରୁ ୬ଟା ୧୫ ମିନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ବନ୍ଦ କରିବା ପାଇଁ ରାଜ୍ୟର ସମସ୍ତ ଯୁବକ ବନ୍ଧୁମାନଙ୍କୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ସମର୍ଥନ କରିବାକୁ ନିବେଦନ କରିଛନ୍ତି । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସଂକୁନା କହଁର, ମାନସ ରଂଜନ କର, ନଳିନୀକାନ୍ତ ନାୟକ, ସ୍ୱାଗତ କର, ଆର୍ଯ୍ୟବୀର ଲେଙ୍କା, ରଂଜିତ୍ ପାତ୍ର, ଦେବପ୍ରସାଦ ନାୟକ, ଇତିସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁରୁପଦ ନନ୍ଦଙ୍କ ବିୟୋଗରେ ପିସିସି କିଷାନ କଂଗ୍ରେସ ଅଧକ୍ଷଙ୍କ ଶୋକ

ଭୁବନେଶ୍ୱର,୨୧।୧୦ (ନି.ପ୍ର): ଓଡ଼ିଶା ବିଧାନସଭାର ପୂର୍ବତନ ମୁଖ୍ୟ ସଚେତକ, ରାଜ୍ୟ ସମବାୟ ୟୁନିୟନର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଗୁରୁପଦ ନନ୍ଦଙ୍କ ବିୟୋଗରେ ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ତାଙ୍କ ବିୟୋଗରେ କଂଗ୍ରେସ ଦଳ କାହିଁକି, ସାରା ରାଜ୍ୟରେ ସମବାୟ ପ୍ରେମୀମାନେ ତାଙ୍କର ଜଣେ ଦରଦୀବନ୍ଧୁଙ୍କୁ ହରାଇଲେ ବୋଲି ଶ୍ରୀ ପଟ୍ଟନାୟକ ଏକ ଶୋକ ବାର୍ତାରେ କହିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ଟ୍ରାଫିକ୍ ଡିସିପିଙ୍କ ସହ କିନ୍ନରଙ୍କ ଆଲୋଚନା

ଭୁବନେଶ୍ୱର,୨୧।୧୦ (ନି.ପ୍ର): କରୋନା ମହାମାରୀ ଯୋଗୁଁ ଦେଶରେ ଥିବା ହଜାର ହଜାର କିନ୍ନର ସବୁଠାରୁ କ୍ଷତିଗ୍ରସ୍ତ ହେବା ସହ ସେମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି । କିନ୍ନର ଟ୍ରାଫିକ୍ ଛକ ବା ଦୋକାନ ବଜାରମାନଙ୍କରେ ମାଗି ପେଟ ପୋଷୁଛନ୍ତି । କିନ୍ତୁ କିନ୍ନରମାନଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଶୀକାର ହେବାକୁ ପଡୁଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ନୂତନ ଟ୍ରାଫିକ୍ ଡ଼ିସିପି ସୌମ୍ୟା ମିଶ୍ର ଙ୍କ ସହିତ କିନ୍ନରମାନେ ସେମାନଙ୍କ ସମସ୍ୟା ନେଇ ଆଲୋଚନା କରିଛନ୍ତି । ଡ଼ିସିପି ସୌମ୍ୟା ମିଶ୍ର କଟକ, ଭୁବନେଶ୍ୱରରେ ଥିବା ତୃତୀୟଲିଙ୍ଗୀମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବେ, ସେ ବିଷୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଓ ଅଧକ୍ଷ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ ।

# ଗ୍ରାହକ ଙ୍କୁ ସେବା ଯୋଗାଇବାରେ ଜାତୀୟକରଣ ବ୍ୟାଙ୍କ ବିଫଳ

ଭୁବନ,୨୧।୧୦ (ନି.ପ୍ର): ଭୁବନ ଏନଏସିରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ,କାନାରା ବ୍ୟାଙ୍କ,ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ପ୍ରଭୃତି ଜାତୀୟକରଣ ବ୍ୟାଙ୍କ ଗୁଡିକ ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି । ରାତି ପାହିଲେ ଏହି ବ୍ୟାଙ୍କ ଉପରେ ଟଙ୍କା କାରବାର ପାଇଁ ହଜାର ହଜାର ଗ୍ରାହକ ନିର୍ଭରଶୀଳ ଥିବାବେଳେ ବ୍ୟାଙ୍କ କର୍ମଚାରୀଙ୍କ ଅସହଯୋଗ ମନୋଭାବ ଯୋଗୁଁ ଗ୍ରାହକମାନେ ସର୍ବନିମ୍ନ ସେବା ପାଇ ପାରୁନାହାଁନ୍ତି । ଏହାକୁ ନେଇ ଗ୍ରାହକ ମହଲରେ ଅସନ୍ତୋଷ ଦିନକୁ ଦିନ ବଢିବାରେ ଲାଗିଛି । ଏପରିକି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ବ୍ୟାଙ୍କ ପାସ୍‌ବୁକ୍ ଅପଡେଟ୍ ଏକ ଜରୁରୀ ଆବଶ୍ୟକତା ହୋଇଥିବାବେଳେ ସେଥିପ୍ରତି ବ୍ୟାଙ୍କ କର୍ତୃପକ୍ଷ ଦୃଷ୍ଟି ଦେଇନଥାନ୍ତି । ବ୍ୟାଙ୍କ ପାସ୍‌ବୁକ୍ ଅପଡେଟ୍ କରିବା ପାଇଁ ଗ୍ରାହକମାନେ ବାରମ୍ବାର ବ୍ୟାଙ୍କକୁ ଦୌଡିବା ସହିତ ଘଣ୍ଟା ଘଣ୍ଟା ଗୋଡ ଭାଙ୍ଗି ଠିଆ ହେଉଥିଲେ ମଧ ମେସିନ୍ କାର୍ଯ୍ୟ କରୁନାହିଁ ବା ଲିଙ୍କ୍ ନାହିଁ ବୋଲି କର୍ମଚାରୀମାନେ କହି ସେମାନଙ୍କୁ ନିରାଶ କରୁଛନ୍ତି ବୋଲି ଅଭିଯୋଗ କରନ୍ତି ବହୁ ଗ୍ରାହକ । ବିଭିନ୍ନ ସରକାରୀ ସ୍କିମରେ ଋଣ ପାଇଁ ଆବେଦନ କରୁଥଧବା ବ୍ୟକ୍ତି ମାନଙ୍କୁ ବ୍ୟାଙ୍କ ତରଫରୁ ସିଧାସଳଖ/ ରୋକଠୋକ ମନା କରିଦିଆଯାଉଥରବାରୁ ଯୁବ ଗୋଷ୍ଠୀ ହତାଶ ହୋଇପଡୁଛନ୍ତି। ଅଧିକାଂଶ ସମୟ ବ୍ୟାଙ୍କର କର୍ମଚାରୀ ମାନେ ନିର୍ଦ୍ଧିଷ୍ଟ କାଉଣ୍ଟରରେ ଅନୁପସ୍ଥିତ ରହୁଥିବାରୁ ଉପଯୁକ୍ତ ସେବା ମିଳିପାରୁ ନଥିବା ବେଳେ ଘଣ୍ଟା ଘଣ୍ଟାଧରି ଅପେକ୍ଷା କରୁଛନ୍ତି ଗ୍ରାହକ । କରୋନା ସଂକ୍ରମଣ ଆଳରେ ଭିଡ ନିୟନ୍ତ୍ରଣ ପାଇଁ ବରିଷ୍ଠ ନାଗରିକ, ମହିଳା ଓ ବୃଦ୍ଧବୃଦ୍ଧା ମାନେ ଲମ୍ବା ଲାଇନରେ ଖରା ଓ ବର୍ଷାରେ ଦୀର୍ଘ ସମୟ ଛିଡାହୋଇ ହିନସ୍ତା ହେଉଥିବା ଦେଖିବାକୁ ମିଳିଛି । ସବୁଠାରୁ ବଡ କଥା ହେଲା, ଲିଙ୍କ୍ ଫେଲ୍ ବା ଇଣ୍ଟରନେଟ୍‌ର ଅଭାବ ବୋଲି ଏହି ବ୍ୟାଙ୍କର କର୍ମଚାରୀମାନଙ୍କ ମୁହଁରୁ ଅନେକ ସମୟରେ ଶୁଣିବାକୁ ମିଳୁଥିବାରୁ ଗ୍ରାହକ ମହଲରେ ସନ୍ଦେହ ସୃଷ୍ଟି କରିଛି । ଏହିସବୁ ବ୍ୟାଙ୍କରେ ସ୍ଥାନୀୟ ଅଂଚଳର ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଜମା ଖାତା ରହିଥିବାବେଳେ ସେମାନଙ୍କୁ ଏହି ବ୍ୟାଙ୍କ ମାଧମରେ ବିଭିନ୍ନ ସହାୟତା ପ୍ରଦାନ କରାଯିବା ପାଇଁ ସ୍ପଷ୍ଟ ନିୟମ ରହିଛି । ମାତ୍ର ବ୍ୟାଙ୍କର କର୍ମଚାରୀଙ୍କର ଇଚ୍ଛାଶକ୍ତିର ଅଭାବ କାରଣରୁ ମହିଳା ଗୋଷ୍ଠୀର ସଦସ୍ୟାମାନେ କୌଣସି କାର୍ଯ୍ୟପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡି ହଟହଟା ହେଉଥିବା ଅଭିଯୋଗ କରିଛନ୍ତି । ଏହିସବୁ ଦୃଷ୍ଟିରୁ ଦେଖିଲେ ଅଂଚଳର ହଜାର ହଜାର ଗ୍ରାହକ ଥିବା ଏହି ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ସର୍ବନିମ୍ନ ସେବା ଦେବାରେ ବିଫଳ ହେବା ସହିତ ତାହାର ମୂଳ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଛି । ଉଚ୍ଚ କର୍ତୃପକ୍ଷ ଉକ୍ତ ବ୍ୟାଙ୍କର ସମସ୍ୟା ଓ ଅଭିଯୋଗକୁ ଦୃଷ୍ଟିଦେଇ ଗ୍ରାହକଙ୍କୁ ଉଚିତ୍ ସେବା ପ୍ରଦାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇ ପଡିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ୧୦ ଦଫା ଦାବିନେଇ ବିଦ୍ୟୁତ୍ ଠିକା କର୍ମଚାରୀଙ୍କ ଧାରଣା

କେନ୍ଦ୍ରାପଡା,୨୧।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଦ୍ୟୁତ୍ ଠିକା ଶ୍ରମିକ ସଂଘ ପକ୍ଷରୁ ନିୟମିତ ଦରମା ଦେବା ଓ ୧୦ଦଫା ଦାବିନେଇ ସାମୁହିକ ଗଣ ଧାରଣା ଦିଆ ଯାଇଥିଲା । କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କର୍ମଚାରୀ ଦାବି ପୁରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାର୍ଯ୍ୟାଳୟକୁ ଅଚଳ କରି ଦେଇଥିଲେ । ସଂଘର ଜିଲ୍ଲା ସଭାପତି ଦେବଦାସ ମହାନ୍ତି, ସଂପାଦକ ଶିଶିର କୁମାର ନାୟକ, ଉପ ସଭାପତି କୃଷ୍ଣଚନ୍ଦ୍ର ମଲିକ, ଚର୍ତୁଭୁଜ ଦାସ, ପ୍ରଶନ୍ନ କୁମାର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଧାରଣା ଦିଆ ଯାଇଥିଲା । ସେମାନଙ୍କ ଦାବି ମୁତାବକ ଚଳିତ ବର୍ଷ ଅଗଷ୍ଟ ମାସରେ (ଈଚଉଡଓଖ) ବିଦ୍ୟୁତ୍ ବିଭାଗର ପରିଚାଳକଙ୍କ ସହ ଆଲୋଚନା କ୍ରମେ ଦାବି ପୁରଣ ପାଇଁ ନିର୍ଭୟ ପ୍ରତିଶୃତି ଦେଇଥିବା ବେଳେ ଦୀର୍ଘ ୩ମାସ ପରେ କୈାଣସି ଦାବି ପୁରଣ କରାଯାଇ ନାହିଁ । ଫଳରେ ମଙ୍ଗଳବାର ୧୦ଦଫା ଦାବିନେଇ ଧାରଣା ଦିଆ ଯାଇଥିଲା । ଦାବି ଗୁଡିକ ମଧରେ ଜୁନ୍ ମାସରୁ ବନ୍ଦ ଥିବା ଦରମା ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ଓ ପରିଚୟପତ୍ର ପ୍ରଦାନ, ଦଶହରା ଓ ଦ୍ୱିପାବଳୀ ବୋନସ ପ୍ରଦାନ, ହେଲପର ଓ ଲାଇନ ମ୍ୟାନ ମାନଙ୍କୁ ସୁରକ୍ଷା ଯନ୍ତ୍ରପାତି ଓ ଉପକରଣ ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ପ୍ରତିମାସ ର ପେ ସ୍ଲିପ୍ ପ୍ରଦାନ, ବିଲ କଲେକସନ ସମୟରେ ମିଟର ରିଡର ମାନଙ୍କୁ ଭଲ ମୋବାଇଲ ଓ ପ୍ରିଣ୍ଟର , ସଠିକ ଡାଟା ବିଲ ପାଇଁ ଭଲ ଉପକରଣ ଯୋଗାଇବା ଆଦି ଦାବି ଗୁଡିକ ରହିଛି । ପରେ ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀ ମାନେ କେନ୍ଦ୍ରାପଡା ଡିଭିଜନ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିତରବା ଜଣା ପଡିଛି ।

# ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକ ମୃତ

ବାରିପଦ,୨୧।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ଝରାଡ଼ିହି-ଯଶୀପୁର ରାସ୍ତାର ଭାଲେଇଡ଼ିହି ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଝାଡ଼ଖଣ୍ଡ ରାଜ୍ୟ କୁଆଲି ଥାନା ଅନ୍ତର୍ଗତ ବଡ଼ହାଣ୍ଡିଆଣି ଗ୍ରାମର ଜିତେନ ମୁଣ୍ଡାଙ୍କ ପୁଅ ଦୁଲାଲ ମୁଣ୍ଡା(୨୯) କୁଲିଅଣାରୁ ଓଡ଼ି ୧୧ଜି ୨୨୭୪ ନମ୍ବର ବିଶିଷ୍ଟ ଟିଭିଏସ ଭି-୨ ବାଇକରେ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିଲା । ଏଥିରେ ଜିତେନ ଗୁରୁତର ଭାବେ ଆହତ ହୋଇ ରାସ୍ତା ଉପରେ ପଡ଼ିଥିବାର ଦେଖି ସ୍ଥାନୀୟ ଜନସାଧାରଣ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ଜିତେନ୍‌ଙ୍କୁ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ଏବଂ ସେଠାରେ ଡ଼ାକ୍ତର ରିସିଭ ଡେଥ ଘୋଷଣା କରିଥିଲେ । ଖବରପାଇ ଝରାଡ଼ିହି ଫାଣ୍ଡି ଅଧିକାରୀ ସତ୍ୟବାନ ଗିରି ଦୁର୍ଘଟଣା ଘଟଣାସ୍ଥଳରେ ପହଁଚି ଶବକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରର ସଦସ୍ୟଙ୍କୁ ହସ୍ତାନ୍ତର କରିବା ସହ ଥାନାରେ ଏକ ମାମଲା ରୁଜୁ କରିଥିଲେ ।

## ହରମୋହନ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୨୧।୧୦ (ନି.ପ୍ର): କଂଗ୍ରେସର ସକ୍ରିୟ ନେତା ତଥା ଅବସରପ୍ରାପ୍ତ ଆରକ୍ଷୀ ଅଧକ୍ଷକ ହରମୋହନ ଦାସଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତ ଦାସ ଆରକ୍ଷୀ ଅଧକ୍ଷକ ଭାବେ ଅବସର ଗ୍ରହଣ କରିବାପରେ ବାଲେଶ୍ୱରର କ୍ଷୀରଚୋରା ଗୋପୀନାଥ ମନ୍ଦିରର ଦାୟିତ୍ୱରେ ରହିଥିଲେ । ସ୍ୱର୍ଗତ ଦାସ ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଭାବରେ ବାଲେଶ୍ୱର ଜିଲ୍ଲାରେ ପରିଚିତ ଥିଲେ । କିଛି ବର୍ଷ ଧରି କଂଗ୍ରେସ ଦଳରେ ସକ୍ରିୟ ରହି ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ । ସ୍ୱର୍ଗତ ଦାସଙ୍କ ବିୟୋଗରେ ବାଲେଶ୍ୱର ସମେତ କଂଗ୍ରେସ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି ।

# କେନ୍ଦୁଝର ଜିଲ୍ଲାରେ ଦିନିକିଆ ପ୍ରତିବାଦ ଆନ୍ଦୋଳନରେ ସାମିଲ ହେଲେ ପୋଷ୍ଟାଲ କର୍ମଚାରୀ

କେନ୍ଦୁଝର,୨୧।୧୦ (ନି.ପ୍ର): ସାରା ଦେଶରେ କେନ୍ଦ୍ର ସରକାରଙ୍କ ନୀତିକୁ କର୍ମଚାରୀ ମାରଣ ନୀତି ବୋଲି ଚିତ୍ରିତ କରି ତା ବିରୋଧରେ କେନ୍ଦ୍ର ମିଳିତ କ୍ରିୟାନୁଷ୍ଠାନ ଡାକ କର୍ମଚାରୀ ସଂଘ ପକ୍ଷରୁ ଦିଆଯାଇଥିବା ଡାକରାରେ ସାମିଲ ହୋଇଛନ୍ତି କେନ୍ଦୁଝର ଡାକ କର୍ମଚାରୀ ସଙ୍ଘ । ଏବଂ ଏହି କ୍ରମରେ ମଙ୍ଗଳବାର ଦିନ କେନ୍ଦୁଝରଗଡ ମୁଖ୍ୟ ଡାକଘରେ ଏକ ଦିନିକିଆ ପ୍ରତିବାଦ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ସଂପ୍ରତି ସମସ୍ତ କେନ୍ଦ୍ରିୟ କର୍ମଚାରୀଙ୍କୁ ବୋନସ୍ ପ୍ରଦାନ ଆଇନ୍ ୧୯୭୮ ମସିହା ଠାରୁ ପ୍ରଚଳନ କରାଯାଇଛି । କିନ୍ତୁ ଚଳିତ ବର୍ଷ କରୋନାର ଆଳ ଦେଖାଇ କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତା ତଥା ବୋନସ୍ ଇତ୍ୟାଦି ବର୍ତମାନ ସୁଦ୍ଧା କର୍ମଚାରୀ ମାନଙ୍କୁ ପ୍ରଦାନ କରାଯାଇ ନାହିଁ । ଅନ୍ୟପଟେ ସୌନ୍ଦର୍ଯ୍ୟକରଣ ଓ ଗସ୍ତ ଖର୍ଚ୍ଚ ଇତ୍ୟାଦି ବାବଦରେ ହଜାର ହଜାର କୋଟି ଟଙ୍କା ଅପବ୍ୟୟ କରାଯାଉଥିଲେ ମଧ୍ୟ କେନ୍ଦ୍ର କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାରଙ୍କ ଉଦାସୀନତା ମନୋଭାବ କେନ୍ଦ୍ର କର୍ମଚାରୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ସେମାନେ ପ୍ରକାଶ କରିଛନ୍ତି । ଏହାର ପ୍ରତିବାଦ ସ୍ୱରୂପ କେନ୍ଦୁଝର ମୁଖ୍ୟ ଡାକଘରେ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର, ଜିଲ୍ଲା ପୋଷ୍ଟମ୍ୟାନ୍ ସମ୍ପାଦକ ତ୍ରିଲୋଚନ ମହାନ୍ତ, ଜିଲ୍ଲା ଗ୍ରାମୀଣ ଡାକ ସେବକ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମୀଣ ଡାକ ସେବକ, ପୋଷ୍ଟାଲ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିବାଦ ସଭାରେ ପୂର୍ବତନ ରାଜ୍ୟ ସର୍କଲ ସମ୍ପାଦକ ନିର୍ମଳ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ଇତିହାସର ପ୍ରଥମଥର ପାଇଁ କେନ୍ଦ୍ର ସରକାର କର୍ମଚାରୀଙ୍କୁ ଶୋଷଣ କରିବାରେ ସଂକଳ୍ପ ନେଇଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ଏତାଦୃଶ ଅନ୍ୟାୟ ଆଦେଶ ପାଇଁ କର୍ମଚାରୀମାନେ ଏହାର ଘୋର ବିରୋଧ କରିବା ବ୍ୟତୀତ ଅନ୍ୟ ବିକଳ୍ପ କିଛି ନାହିଁ । ଗ୍ରାମୀଣ ଡାକ ସେବକ ଜିଲ୍ଲା ସମ୍ପାଦକ ସଞ୍ଜୟ ପଣ୍ଡା ଗ୍ରାମୀଣ ଡାକ ସେବକଙ୍କ ବହୁବିଧ ସମସ୍ୟା ସମ୍ବନ୍ଧେ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ଡାକ ବିଭାଗର ମେରୁଦଣ୍ଡ ହୋଇଥିଲେ ହେଁ ସବୁଠାରୁ ଅବହେଳିତ ଅବସ୍ଥାରେ ଅଛନ୍ତି । ସ୍ୱଳ୍ପ ଟଙ୍କାର ଦରମାରେ ବର୍ତମାନର ନିଅଂଟିଆ ସମୟରେ ପରିବାର ପ୍ରତିପୋଷଣ ଯେ କେତେ କଷ୍ଟ ସେ କଥା ଅବର୍ଣ୍ଣନୀୟ ବୋଲି କହିଥିଲେ । ଗ୍ରାମୀଣ ଡାକ ସେବକଙ୍କ ଅବସର ପରେ ଟଙ୍କାଟିଏ ମଧ୍ୟ ପେନ୍‌ସନ୍ ବ୍ୟବସ୍ଥା ନାହିଁ । ସାରା ଜୀବନ ଯେଉଁ ବିଭାଗ ପାଇଁ କଷ୍ଟ ସ୍ୱୀକାର କରି ସେବା ଯୋଗାଇ ଆସିଛନ୍ତି ଶେଷରେ ଅବସର ପରେ ସେମାନଙ୍କୁ ନିକୃଷ୍ଟତମ ବୃତି ମଧ୍ୟ ଆଦରି ନେବାକୁ ପଡୁଥିବା ଦୃଷ୍ଟାନ୍ତ ଆଜି ବିରଳ ନୁହେଁ । ସାରା ବିଶ୍ୱରେ ଏ ପ୍ରକାର ବ୍ୟବସ୍ଥା କେଉଁଠାରେ ମଧ୍ୟ ଦେଖାଯାଇ ନାହିଁ ବୋଲି ମଧ୍ୟ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ । ସରକାର ସହାନୁଭୁତିଶୀଳ ହୋଇ ତୁରନ୍ତ ଏମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯିବା ସହ ମହଙ୍ଗା ଭତା ଓ ବୋନସ୍ ଅବିଳମ୍ବେ ପ୍ରଦାନ କରାଯିବାକୁ ଦାବି ରଖିଥିଲେ । ନିଜର ହକ୍ ହାସଲ ପାଇଁ ସଙ୍ଗବଦ୍ଧ ଭାବେ ସମସ୍ତ କର୍ମଚାରୀ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାର କାଳକ୍ଷେପଣ ନୀତି ପ୍ରୟୋଗ କଲେ ଆଗାମୀ ଦିନରେ ସଂଗ୍ରାମ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ । ଉକ୍ତ ପ୍ରତିବାଦ ଆନ୍ଦୋଳନରେ ପରମାନନ୍ଦ ଦାସ, ଲକ୍ଷ୍ମଣ ମହାପାତ୍ର, ବିଦ୍ୟାଧର ସିଂ, କବିତା ମହାନ୍ତ, ପୁଷ୍ପଲତା ମହାନ୍ତ, ସନାତନ ସାହୁ, ବିଦ୍ୟାଧର ଦେହୁରୀ, ମହେନ୍ଦ୍ର ମହାନ୍ତ, ତ୍ରିନାଥ ରଣାଙ୍କ ସମେତ ଡାକ ବିଭାଗର ବହୁ କର୍ମଚାରୀ ସାମିଲ ହୋଇଥିଲେ ।

# କଲରାପତରିଆ ବାଘ ଚମଡ଼ା ଜବତ, ୫ ଗିରଫ

ବାରିପଦା,୨୧।୧୦ (ନି.ପ୍ର): ୫ ଜଣ ଶିକାରୀ ଆଜି ଏକ କଲରାପତରିଆ ବାଘ ଚମଡ଼ା ବିକ୍ରି କରିବାକୁ ଆସିଥିବା ସମୟରେ ଜଙ୍ଗଲ ଭିତରେ ଏକ ଚଟାଣି ନିକଟରେ ବିକ୍ରି ହେଉଥିବା ହାଣ୍ଡିଆ ପିଇ ମସଗୁଲ ହୋଇପଡ଼ିଥିଲେ । ଏହି ସମୟରେଆଜି ପୂର୍ବାହ୍ନ ପ୍ରାୟ ୧୧ ପାଖାପାଖି ବିଶେଷ ସୂତ୍ରରୁ ଖବରପାଇ ବନ ବିଭାଗର ପେଟ୍ରୋଲିଂ କରୁଥିବା କର୍ମଚାରୀମାନେ ଅତର୍କିତ ଭାବେ ଚତୁର୍ଦ୍ଦିଗରୁ ଘେରି ଯାଇ କୁଳିଅଣା ଥାନା ଅଂଚଳର ଖେଲାରାମ ହାଁସଦାଃ(୨୧) ଓ ହମ୍ବିର ଟୁଡୁ(୧୮), ବିଶୋଇ ଥାନା ଲୁହାକାନି ଅଂଚଳର ବାଜିନାଥ ହେମ୍ବ୍ରମ(୨୫), ସନତ ମାର୍ଣ୍ଡି(୪୫) ଏବଂ ଜାମଦା ଥାନା ଅଂଚଳରେ ଭଡ଼ାରେ ରହୁଥିବା ତୁସିଲ ମୁର୍ମୁ(୪୨) ଏହିପରି ମୋଟ ୫ ଜଣଙ୍କୁ କାବୁ କରିବା ସଙ୍ଗେସଙ୍ଗେ ସେମାନଙ୍କ ନିକଟରୁ ୫ଫୁଟ ୬ଇଂଚ ଲମ୍ବ ଓ ୨ ଫୁଟ ଓସାର ଏକ କଲରାପତରିଆ ବାଘ ଚମଡ଼ାକୁ ଜବତ କରିବାରେ ସଫଳ ହୋଇଥିଲେ । ଅଭିଯୁକ୍ତମାନଙ୍କୁ ରାଇରଙ୍ଗପୁର ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା ଜାରି ରହିଛି । ଆଜିର ଏହି ଚଢ଼ାଉରେ ଏସସିଏଫ ନବୀନ ନାଏକ ଓ ଝି ପ୍ରମୁଖଙ୍କ ସମେତ ବନ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ଉଚ୍ଚ ଶିକ୍ଷିତ ଭିନ୍ନକ୍ଷମଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଆବାସ

କେନ୍ଦ୍ରାପଡା,୨୧।୧୦ (ନି.ପ୍ର): ଆଳି ବ୍ଲକ ପତ୍ରପୁର ଅଂଚଳର ଜଣେ ବୟସ୍କା ମହିଳା ନିଜର ଭିନ୍ନକ୍ଷମ ପୁଅକୁ ଧରି ଭଙ୍ଗା ଘରେ ଜୀବନ କାଟୁଥିବା ଦେଖିବାକୁ ମିଳିଛି । ଏହି ମହିଳା ଜଣକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜକୁ ସାମିଲ କରିବା ପାଇଁ ବହୁବାର ନିବେଦନ କଲେ ମଧ କୌଣସି ସୁଫଳ ନପାଇବାରୁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି । ପତ୍ରପୁର ବିଧବା ସରମିଳତା ପାତ୍ର(୫୨) ନିଜର ଉଚ୍ଚ ଶିକ୍ଷିତ ଦୃଷ୍ଟିହୀନ ଭିନ୍ନକ୍ଷମ ପୁଅ ସହ ରହୁଥିବା ବେଳେ ଗତ ବନ୍ୟାରେ ତାଙ୍କ ଘରଟି ସଂପୂର୍ଣ୍ଣ ଭାଙ୍ଗି ଯାଇଛି । କୌଣସି ଉପାର୍ଜନ ନଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପି ପ୍ରତିନିଧି ଦଳ

# ଭୋଟରଙ୍କୁ ପ୍ରଭାବିତ କରୁଛି ବିଜେଡି : ବିଜେପି

ଭୁବନେଶ୍ୱର,୨୧।୧୦ (ନି.ପ୍ର): ବାଲେଶ୍ୱର ଉପନିର୍ବାଚନରେ ସରକାରୀ କଳକୁ ବ୍ୟବହାର କରି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ବିଜେଡି ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରିଛି । ଏହା ବିରୁଦ୍ଧରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ପ୍ରସଙ୍ଗରେ ଏକ ସ୍ମାରକ ପତ୍ର ପ୍ରଦାନ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ବାଲେଶ୍ୱର ଉପନିର୍ବାଚନରେ ଭୋଟ ପାଇବା ଲକ୍ଷ୍ୟ ନେଇ ବିଜେଡି ସରକାରୀ କଳ ଲଗାଇ ରାସ୍ତା କାମ ଏବଂ ନଳକୂପ ଖନନ ଆଦି କାର୍ଯ୍ୟ ଚାଲୁ ରଖିଛି । ଶ୍ରୀରାମପୁର ଗ୍ରାମ ପଂଚାୟତର ମତଦାତାଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ଏକ ନୂଆ ବିଦ୍ୟୁତ ଟ୍ରାନ୍ସଫରମର ଲଗାଯାଇଛି । ମାଛଡିହ, ନିମା, ଖିରାମ, ସତାର, ପୁରନ, ଗୁଣ୍ଡୁରିପଡା, ଖଦି କପଡା, ଗରାଡିହ ଓ ଶ୍ରୀରାମ ପୁର ଗ୍ରାମରେ ରାସ୍ତାକାମ କରିବା ପାଇଁ ମୋରମ ପକାଯାଇଛି । ଗତ ଦୁଇ ଦିନ ତଳେ ନେସ୍କୋ ଦ୍ୱାରା ନୂଆ ଟ୍ରାନ୍ସଫରମର ଲଗାଇ ଶ୍ରୀରାମପୁର ପଂଚାୟତକୁ ବିଦ୍ୟୁତ ସଂଯୋଗ କରାଯାଇଛି । ବାଲେଶ୍ୱର ନେସ୍କୋ ଜୋନ୍ ରେ ବିଜୁ ଶ୍ରମିକ ସାମୁଖ୍ୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଦ୍ୟୁତ କର୍ମଚାରୀ ମହାସଙ୍ଘର ଏକ ଅଫିସ ଶାଖା ଗତ ୧୭ ତାରିଖ ଦିନ ଉଦ୍‌ଘାଟନ କରାଯାଇଛି । ଏହି ସମସ୍ତ କାର୍ଯ୍ୟ କରି ଶାସକ ବିଜେଡି ନିର୍ବାଚନ ଆଚରଣ ବିଧିକୁ ଖୁଲମଖୁଲା ଉଲ୍ଲଘଂନ କରିଛି । ଏହି ଘଟଣାରେ ନିର୍ବାଚନ ଅଧିକାରୀ ନିରପେକ୍ଷ ତଦନ୍ତ କରି ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଆଇନ ଅନୁଯାୟୀ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧୀ ଦଳ ଦାବୀ କରିଛି । ଏହି ସମସ୍ତ ବେଆଇନ କାର୍ଯ୍ୟର ଫଟୋ ଓ ଭିଡିଓ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରି ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ବିଜେପି ଦାବି କରିଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ମୁଖପାତ୍ର ଡ. ଯତୀନ ମହାନ୍ତି ଏବଂ ଲିଗାଲ୍ କୋଡିନେଟର ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

# ହାଟ ମୁନିଗୁଡା କୁକୁଡା ଫାର୍ମରେ ଚୂନ ଦେଉଥିବା ଜଣେ ଯୁବକଙ୍କ ମୃତ୍ୟୁ



ଗୁଣୁପୁର,୨୧।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ବ୍ଲକର ଏକ କୁକୁଡା ଫାର୍ମ ରେ ଏକ ଅଘଟଣ ଘଟିଯାଇଛି । ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ହାଟମୁନିଗୁଡା ପଞ୍ଚାୟତ ଶିରିପୁରୁ ଠାରେ ଥିବା ସତ୍ୟସାଇ କୁକୁଡ଼ା ଫାର୍ମରେ କୁଟ୍ରାଗଡ ପଞ୍ଚାୟତ ବାରଖମଣ ଗ୍ରାମର ବିଦୁଷଣ ସୁଗୁରୁ ପିତା କୃଷ୍ଣ ସୁଗୁରୁ ଶୀଡିରେ ଚଢି ଚୂନ ମାରୁଥିବା ସମୟରେ ଟିଣ ଉପରେ ଗୋଡ ଦେଇଥିବା ବେଳେ ନିଜେ ଖସିଯାଇ ତଳେ ପଡିଯାଇଥିଲା । ଫଳରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଲୋକମାନେ ମୁନିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରକୁଆଣିଥିଲେ ମଧ ଡାକ୍ତର ସୟ କୁମାର ତାକୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ୪୦ ବର୍ଷିଆ ଶ୍ରମିକ କୁଲି କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ । ତେଣୁ ଫାର୍ମ ମାଲିକ ଓ ସରକାରଙ୍କ ପକ୍ଷରୁ ସାହାଯ୍ୟ ଯୋଗାଇ ଦେଲେ ଗରିବ ପରିବାର ସମାଜରେ ବଞ୍ଚିପାରିବ ବୋଲି ସାଧାରଣରେ ପ୍ରକାଶ ପାଇଛି ।

# ଯୋଗ ପ୍ରୟୋଗ କାନ୍ଧ ଓ ବେକକୁ ଆରାମ

**ନିତମ୍ବାସ୍ଥି ସହିତ କାନ୍ଧର ଅସ୍ଥି ଶରୀରର ମଧ୍ୟଭାଗକୁ ସୁଦୃଢ଼ କରିଛି । ସମଗ୍ର ଶରୀରର ସଞ୍ଚାଳନରେ ଏହି ଦୁଇଟି ଅସ୍ଥି ସଂରଚନାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଛିଡା ହୋଇ କିମ୍ବା ବସିକରି ଦୀର୍ଘସମୟ କାମ କଲେ କାନ୍ଧ ଓ ବେକରେ ଯନ୍ତ୍ରଣା ହୋଇଥାଏ । ଏହାକୁ ସୁସ୍ଥ ରଖିବା ଲାଗି ଷ୍ଟ୍ରେଚିଂର ଏକ ସହଜ ଉପାୟ -**

**ପ୍ରକ୍ରିୟା :**

- ଏକ ଶକ୍ତ ଝରକା ରେଲିଂ ପାଖରେ ପାହାଡ ଚଢ଼ିବାରେ ବ୍ୟବହାର ହେଉଥିବା ଦୁଇଟି ସମାନ ଲମ୍ବାର ଦଉଡି ଧରି ବସନ୍ତୁ ।
- ଭୂମିଠାରୁ ୩-୪ ଫୁଟ୍ ଉପରେ ଝରକା ରେଲିଂରେ ୧ ଫୁଟ୍ ବ୍ୟବଧାନ ରଖି ଦଉଡି ଦୁଇଟିକୁ ବାନ୍ଧିଦେବେ । ଏହାର ଦୁଇମୁଣ୍ଡ ରେଲିଂରେ ବନ୍ଧା ହେବା ସହ ନିମ୍ନଭାଗ ଦେଳି ପରି ରହିଥିବା ଜରୁରୀ ।
- ତଳେ ଏକ ମୋଟା ଚାଦର ବିଛାଇ ଏହାର ଉପରେ ଆଣ୍ଠୁମାଡି କାନ୍ଥ ଆଡକୁ ପିଠି କରି ବସନ୍ତୁ, ଯେପରିକି ନିତମ୍ବ ତଳେ ଗୋଇଠି ରହୁଥିବ ।
- ଏବେ ହତଦୁଇଟି ପଛକୁ ନେଇ ପଛରେ ଥିବା ଦଉଡିକୁ ଧରିବେ ।





- ପାଦ ପଛକୁ ଘୁଞ୍ଚାଇ କାନ୍ଥରେ ଲଗାଇବା ସହ ଦୁଇପାଦ ମଧ୍ୟରେ ୬ ଇଞ୍ଚ ଦୂରତା ରଖିବେ ।
- ଏବେ ଶରୀରକୁ ସଳଖ କରି ଦଉଡିକୁ ଭିଡି ଧରି ମୁଣ୍ଡ କାନ୍ଥ ଠାରୁ ଦୂରକୁ ଟାଣି ଧରିବାର ଚେଷ୍ଟା କରନ୍ତୁ ।
- ଆଣ୍ଠୁ ଯଥାସ୍ଥାନରେ ରହିବା ସହ ଧୀରେଧୀରେ ଶରୀରକୁ ତଳକୁ ନୁଆଁଇବା ସହିତ ତଳିପେଟ ଭୂମିରେ ଲଗାଇବେ ଏବଂ ମୁଣ୍ଡ ଓ ଛାତି ଉପରକୁ କରି ଷ୍ଟ୍ରେଚିଂ ସ୍ଥିତିରେ ରହିବେ ।
- ୨୦-୩୦ ସେକେଣ୍ଡ ଏପରି ରହିବା ପରେ ଧୀରେଧୀରେ ନିତମ୍ବ ଉଠାଇ ଆଣିବେ ଏବଂ ଦଉଡିକୁ ଛାଡି ଆରାମ ସ୍ଥିତିରେ ବସିବେ ।
- କିଛି ସମୟ ବିଶ୍ରାମ ପରେ ଏହାର ଦୁଇ-ତିନିଥର ପୁନରାବୃତ୍ତି କରିବା ଉଚିତ ।

# ମଙ୍ଗଳରେ 'ମାର୍ସକ୍ୱେକ୍'



ମଙ୍ଗଳ ଗ୍ରହରେ ବି ଭୂମିକମ୍ପ ପରି କମ୍ପନ ସୃଷ୍ଟି ହେଉଛି । ଏହାକୁ ବୈଜ୍ଞାନିକମାନେ 'ମାର୍ସକ୍ୱେକ୍' ବୋଲି କହିଛନ୍ତି । ନାସାର ଇନ୍‌ସାଇଟ୍ ଲ୍ୟାଣ୍ଡର ମଙ୍ଗଳ ପୃଷ୍ଠରେ ଏପରି ଶତାଧିକ କମ୍ପନ ହେଉଥିବା ଠାବ କରିଛି । ଅବଶ୍ୟ ଏହାର ତୀବ୍ରତା ସେତେ ଅଧିକ ନୁହେଁ । ନେଚର ଜିଓ ସାଇନ୍ସ ଏବଂ ନେଚର କମ୍ୟୁନିକେସନ୍‌ସରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି । ୨୦୧୮ ରେ ସୁପରସୋନିକ ପାରାଶୁଟ୍ ଜରିଆରେ ଇନ୍‌ସାଇଟ ଲ୍ୟାଣ୍ଡର ମଙ୍ଗଳ ପୃଷ୍ଠରେ ଓହ୍ଲାଇଥିଲା । ୨୦୧୯ ଏପ୍ରିଲରେ ଏହା ପ୍ରଥମ 'ମାର୍ସକ୍ୱେକ୍' ଠାବ କରିଥିଲା । ତେବେ ପୃଥିବୀରେ ଏଭଳି କମ୍ପନ ହେଲେ ଏହା ଜଣାପଡିବ ନାହିଁ । ପୃଥିବୀ ପରି ମଙ୍ଗଳ ଗ୍ରହର ଅଭ୍ୟନ୍ତର ଏବେ ଥଣ୍ଡା ହେବାର ପ୍ରକ୍ରିୟା ଜାରି ରହିଥିବା ଯୋଗୁ ଏପରି କମ୍ପନ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ଜଣାଇଛନ୍ତି ।

# ଅତ୍ୟାଧୁନିକ ବାଇଓନିକ୍ ଚେୟାର୍

ବ୍ୟସ୍ତବହୁଳ ଜୀବନରେ ବିଭିନ୍ନ କାମ ନିମନ୍ତେ ଆମକୁ ଯା ଆସ କରିବାକୁ ପଡିଥାଏ । କେତେକ ପିରସ୍ଥିତିରେ ଆମେ ପହଞ୍ଚିବା ପରେ ବସିବା ପାଇଁ ସ୍ଥାନଟିଏ ପାଇନଥାଉ । ଅଧିକ ସମୟ ଛିଡା ହେଲେ ଥକିଯିବା ସହ ଗୋଡ ମଧ୍ୟ ବିନ୍ଧା ହୁଏ । ଏଇ ସମସ୍ୟାର ସମାଧାନ କରିଛନ୍ତି କାନାଡାର ଇଂଜିନିୟର ଦଳ । ଏଭଳି ଏକ ଚେୟାର୍ ତିଆରି କରିଛନ୍ତି, ଯାହାକୁ ଆମେ ପୋଷାକ ଭଳି ପିନ୍ଧିପାରିବା । ଏହାର ନାମ 'ବାଇଓନିକ୍ ଲେଗ୍ ଚେୟାର୍' ଦିଆଯାଇଛି । ଫୋଲ୍ଡିଂ କରି ନିଜ ବ୍ୟାଗ୍‌ରେ ରଖିପାରିବା ସହ ଆବଶ୍ୟକ ସମୟରେ ଏହି ଚେୟାର୍‌କୁ ପିନ୍ଧିପାରିବେ । ଏହି ଚେୟାର୍‌ର ମୂଲ୍ୟ ୯ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ପ୍ରକାଶ ।



# ଘରକୁ ସୁରକ୍ଷିତ ରଖିବା 'ସ୍ମାର୍ଟ ଲକ୍'




ନ୍ୟୁୟର୍କର ଏକ ନାମୀ କମ୍ପାନୀ 'ସ୍ମାର୍ଟ ଲକ୍' ତିଆରି କରିଛି । ଏହି ଲୁକ୍ ସହାୟତାରେ ଆପଣଙ୍କ ଘର ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି । ସ୍ମାର୍ଟଫୋନ୍‌ରେ ଥିବା ଆପ୍ଲିକେସନ୍ ସହାୟତାରେ ହିଁ ଲକ୍‌ଟି ପରିଚାଳିତ ହେବ । ବ୍ଲୁ-ଟୁଥ୍, ଆପଣଙ୍କ ସ୍ମାର୍ଟଫୋନ୍ ଡାଟା, ୱାଇଫାଇ ଜରିଆରେ ହିଁ ଲକ୍ କାମ କରିବ । ଯଦିବା ମାଲିକ ଘରେ ନାହାନ୍ତି, ଘର ଠାରୁ ଦୂରରେ ରହି ମଧ୍ୟ ସେ ଘରର ଲକ୍‌କୁ ଖୋଲିପାରିବେ । କେହି ଅତିଥି, ବନ୍ଧୁବାନ୍ଧବ ଆସିଲେ ଘରେ ନ ରହି ମଧ୍ୟ ମାଲିକ ଏଇ ସ୍ମାର୍ଟ ଲକ୍ ଜରିଆରେ ସେମାନଙ୍କୁ ଘରେ ପ୍ରବେଶ କରାଇପାରିବେ । ଅଜଣା ଲୋକ ଆପଣଙ୍କ ଘରର କବାଟ, ଝରକାକୁ ସ୍ପର୍ଶ କଲେ ତୁରନ୍ତ ସ୍ମାର୍ଟଫୋନ୍‌କୁ ବାର୍ତ୍ତା ମଧ୍ୟ ଯିବ । ବିଭିନ୍ନ ଡିଜାଇନର ଏଇ ସ୍ମାର୍ଟ ଲକ୍ ଥିବାବେଳେ ୧୧ ହଜାର ଟଙ୍କାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ଏହାର ମୂଲ୍ୟ ରହିଛି ।

# ଗୋଲମରିଚର ଉତ୍ତମ ପ୍ରଭାବ

**ବିଭିନ୍ନ ପ୍ରକାର ଭାରତୀୟ ବ୍ୟଞ୍ଜନ ଓ ସକାଳର ଗରମ ଗୋଲମରିଚ ଚା' ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ପ୍ରାଚୀନ କାଳରେ ବଇଦମାନେ ଗୋଲମରିଚର ଉପଯୋଗ ଔଷଧରେ କରୁଥିଲେ । ସ୍ୱାସ୍ଥ୍ୟ ପାଇଁ ହିତକାରୀ ଏଇ ଗୋଲମୋରିଚକୁ ଗୁଣ୍ଡ କରି ନିୟମିତ ସେବନ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।**



- ପ୍ରତ୍ୟେକ ଋତୁରେ ସକାଳବେଳା ଗୋଲମରିଚ ଚା' ପିଇବାର ଅଭ୍ୟାସ କରନ୍ତୁ । ଚିମୁଟାଏ ଗୋଲମରିଚ ଗୁଣ୍ଡ ଚା'ରେ ମିଶାଇଲେ ତାହା ଆମ ପାଚନ ତନ୍ତ୍ରକୁ ଶକ୍ତି ଯୋଗାଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ଅମ୍ଳ ରୋଗୀ ପ୍ରତ୍ୟହ ଲେମ୍ବୁ ପାଣିରେ ଗୋଲମରିଚ ଗୁଣ୍ଡ ଅଧ ଚାମଚ ମିଶାଇ ପିଇଲେ ସେମାନଙ୍କୁ ଶୀଘ୍ର ଉପଶମ ମିଳେ ।
- ଗୋଲମରିଚରେ ମହଜୁଦ୍ ପେପ୍‌ରାଇନ୍ ତତ୍ତ୍ୱ କାରଣରୁ ମାନସିକ ଚାପ ମଧ୍ୟ କମ୍ ହେଉଥିବାର ଜଣାପଡିଛି । ନିୟମିତ ଗୋଲମରିଚ ଚା' ସେବନ କଲେ ଏହାର ପ୍ରଭାବ ଜାଣିପାରିବେ ।
- ଭିଟାମିନ୍ ସି, ଏ, ଫ୍ଲାବୋନଏଡ୍, ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବା କାରଣରୁ କର୍କଟରୋଗ ପ୍ରତିରୋଧୀ ଭାବେ ମଧ୍ୟ ଗୋଲମରିଚ କାମ କରିଥାଏ ।
- ଦୈନିକ ସକାଳବେଳା ନଖ ଉଷୁମ ପାଣିରେ ଚିମୁଟାଏ ଗୋଲମରିଚ ମିଶାଇ ପିଇଲେ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ ।

# ମାତ୍ର ୫ ମିନିଟ୍

*ସକାଳୁ ଖାଲି ପେଟରେ ହାଲ୍‌କା ଉଷୁମ ପାଣି ପିଇବା ଭଲ । ତେବେ ଏଥିରେ ଲେମ୍ବୁ ମିଶାଇ ପିଇଲେ ଏହା ସ୍ୱାସ୍ଥ୍ୟ ପାଇଁ ଚମତ୍କାର ପାଲଟିଯାଏ । ସକାଳୁ ୨୦୦ ମିଲି ଗ୍ଲାସରେ ଉଷୁମ ପାଣି ସହ ଫାଳେ ଲେମ୍ବୁରସ ମିଶାଇ ପିଅନ୍ତୁ । ଏହାକୁ ପିଇବାର ୫ ମିନିଟ୍ ପରେ ଜଳଖିଆ ଖାଇବା ଉଚିତ । ମାତ୍ର ୫ ମିନିଟ୍ ମଧ୍ୟରେ ପ୍ରସ୍ତୁତ ହୋଇପାରୁଥିବା ଏହି ଲେମ୍ବୁପାଣିର ଉପକାରିତା ଜାଣନ୍ତୁ -*

- ♦ ଲେମ୍ବୁରେ ଭିଟାମିନ୍ ସି' ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି । ଏହା ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରକୁ ଆରାମ ଦେବା ସହ ରକ୍ତଚାପ ନିୟନ୍ତ୍ରଣ କରେ ।
- ♦ ଏହି ଲେମ୍ବୁପାଣି ଶରୀରରେ ଆଲ୍‌କାଲାଇନ ସ୍ତର ଠିକ୍ ରଖିବାରେ ସହୟକ । ଲେମ୍ବୁରେ ଥିବା ସାଇଟ୍ରିକ୍ ଏସିଡ ଏସିଡିଟି ହେବାକୁ ଦିଏନାହିଁ । ତେଣୁ ଆମ୍ବିଳା ହାକୁଟି, ଗ୍ୟାସ୍ ଆଦି ସମସ୍ୟା ହୋଇନଥାଏ ।
- ♦ ଲେମ୍ବୁରେ ଥିବା ପେକ୍‌ଟିନ ଭୋକର ଭାବନାକୁ ନିୟନ୍ତ୍ରଣ କରେ । ଯେଉଁମାନେ ଓଜନ କମ୍ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଆଲ୍‌କାଲାଇନ୍ ଡାଏଟ୍ ଅନୁସରଣ କରୁଛନ୍ତି, ସେମାନେ ଏପରି ଲେମ୍ବୁପାଣି ପିଇବା ଉପକାରୀ ହୋଇଥାଏ ।
- ♦ ଉଷୁମ ପାଣି ପିଇବା ଦ୍ୱାରା ପେଟ ସଫା ହୋଇଥାଏ । ତେଣୁ କୌଣସି ରୋଗ ଆକ୍ରମଣ କରିବା ସହଜ ହୁଏନାହିଁ ।



# କାର୍ ଡୋର୍ ସତର୍କ କରାଇବ

ଇଉରୋପୀୟ ଗବେଷକଦଳ ଉନ୍ନତମାନର କାର୍ ଡିଜାଇନ୍ କରିଛନ୍ତି । ଏହା ସହାୟତାରେ ଯାତ୍ରୀଙ୍କୁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ମିଳିବ । ଯେପରି କାର୍ ଡୋର୍ ଖୋଲି ଆପଣ ଲାଗିଥିବା ସେନ୍‌ସର୍ ସତର୍କ କରାଇବ । ପଛରୁ କେହି ଆସୁଥିଲେ, କାର୍ ଝରକା କାଚର ରଙ୍ଗ ପରିବର୍ତ୍ତନ ହେବା ସହ ବାରମ୍ବାର ସଙ୍କେତ ଦେବ । କୌଣସି ପ୍ରକାର କୀଟ କାର୍‌ରେ ଲଗିଲେ, ତାହା ମଧ୍ୟ ସେନ୍‌ସର୍ ସହାୟତାରେ ଯାତ୍ରୀ ଜାଣିପାରିବେ । ଏହା ସହ ୨୦୦ ମିଟର ବ୍ୟବଧାନରେ ଅନ୍ୟ ଗାଡି ଦ୍ରୁତ ବେଗରେ ଆସୁଥିଲେ, ସେ ବାବଦରେ ମଧ୍ୟ କାର୍‌ର ସେନ୍‌ସର୍ ସଙ୍କେତ ଦେଇଥାଏ । ନିକଟରେ ଜର୍ମାନୀରେ ଆୟୋଜିତ ଏକ ପ୍ରଦର୍ଶନୀୟ ଏହି ବିଶେଷ ଡିଜାଇନର୍ କାର୍ ପ୍ରଦର୍ଶିତ କରାଯାଇଥିଲା । ଖୁବ୍ ଶୀଘ୍ର ଏହି କାର୍ ବଜାର ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି ।



# ତ୍ୱଚା ଭାଙ୍ଗରୁ ବର୍ତ୍ତିବାକୁ ଚାହୁଁଥିଲେ...

**୩୦ ବର୍ଷ ବୟସ ଅତିକ୍ରାନ୍ତ ହେବା ପରେ ଉଭୟ ମହିଳା ଓ ପୁରୁଷଙ୍କ ତ୍ୱଚାରେ ଅନେକ ପରିବର୍ତ୍ତନ ହୋଇଥାଏ । ତ୍ୱଚା ଭାଙ୍ଗ ପଡିବା, ମଳିନ ଦେଖାଯିବା, କେଶ ଅଧିକ ପରିମାଣରେ ଝଡିବା ଇତ୍ୟାଦି ମୁଖ୍ୟ ସମସ୍ୟା । ତ୍ୱଚା ଭାଙ୍ଗ ପଡିଲେ ମୁହଁ ଅସୁନ୍ଦର ଦେଖାଯିବା ସହ ବୟସର ଛାପ ସ୍ପଷ୍ଟ ବାରିହୁଏ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ, କେତୋଟି ସରଳ ଘରୋଇ ଉପଚାର କରନ୍ତୁ ।**

- ପ୍ରମଥ କାମ ହେଲା, ଖାଦ୍ୟପାନୀୟ ବାବଦରେ ସଚେତନ ହେବା ସହ ଆଣ୍ଟି-ଅକ୍ସିଡାଣ୍ଟ ଓ ପ୍ରୋଟିନ୍ ଭରପୂର ଖାଦ୍ୟ ନିଜ ଭଜନରେ ସାମିଲ କରନ୍ତୁ । ଫଳ ରସ ସପ୍ତାହକୁ ୨-୩ ଥର ପିଇବା ସହ ସବୁଜ ପନିପରିବା ବ୍ୟଞ୍ଜନ ଖାଇବା ହିତକାରୀ ।
- ଅନ୍ୟ ଏକ ଉତ୍ତମ ପାନୀୟ ହେଉଛି ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଶୁଦ୍ଧ ନଡିଆତେଲ ତ୍ୱଚାରେ ମାଲିସ୍ କରନ୍ତୁ । ପୂରା ରାତି ଏହି ତେଲ ତ୍ୱଚାରେ ରହିବା ପରେ ସକାଳୁ ଉଠି ଥଣ୍ଡା ପାଣିରେ ମୁହଁ ଧୋଇନେବେ । ନିୟମିତ ଏଇ ଉପାୟ କଲେ ତ୍ୱଚା ଭାଙ୍ଗ ସମସ୍ୟା ଦୂର ହେଉଥିବାର ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।
- ନଡିଆ ତେଲରେ ଅଳ୍ପ ପରିମାଣରେ ହମୁ ମିଶାଇ ମଧ୍ୟ ତ୍ୱଚାରେ ଲଗାଇ ପାରିବେ । ୧୦-୧୨ ମିନିଟ୍ ପରେ ନଖଉଷୁମ ପାଣିରେ ତ୍ୱଚା ଧୋଇନେବେ ।
- ବୁଟ ଡାଲି ଓ ଦହିକୁ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ଦୈନିକ ସ୍ନାନ ପୂର୍ବରୁ ଏହି ପ୍ୟାକ୍ ତ୍ୱଚାରେ ଲଗାଇଲେ ଲାଭ ମିଳେ ।
- ଲେମ୍ବୁରେ ଥିବା ତତ୍ତ୍ୱ ମଧ୍ୟ ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଏହି ରସକୁ ମୁହଁ, ହାତ, ଗୋଡରେ ଲଗାଇ ୧୫ ମିନିଟ୍ ପରେ ଧୋଇନିଅନ୍ତୁ ।



- ଯେ କୌଣସି ତ୍ୱଚା ଚର୍ଚ୍ଚା କରିବା ପରେ ତୁରନ୍ତ ଖରାକୁ ଯାଆନ୍ତୁ ନାହିଁ । ଏହା ସହ ପ୍ରଚୁର ପରିମାଣରେ ପାଣି ପିଇବା ମଧ୍ୟ ତ୍ୱଚା ନିମନ୍ତେ ଉତ୍ତମ ଖୋରାକ୍ ।

# ଦମ୍ପତି ତିଆରି କଲେ ଭାସମାନ ଘର



କାନାଡାର ଭାନ୍‌କୋଭର ସହରରେ ପାଣିରେ ଭାସୁଥିବା ଘର ତିଆରି କରାଯାଇଛି । ଏହି ଭାସମାନ ଘରେ କ୍ୟାଥେରିନ୍ କିଙ୍ଗ୍ ଏବଂ ତାଙ୍କ ସ୍ୱାମୀ ୱେନ୍ ଆଡମ୍ ବାସ କରନ୍ତି । ୭୧ ବର୍ଷୀୟ ଆଡମ୍ ୧୯୯୧ ରେ ଏହି ଘରକୁ ନିର୍ମାଣ କରିବା ଆରମ୍ଭ କରିଥିଲେ । ୧୨ଟି ଫ୍ଲୋଟିଂ ପ୍ଲାଟଫର୍ମକୁ ମିଶାଇ ତିଆରି ହୋଇଥିବା ଏହି ଘରଟିରେ ସୋଲାର ଏନର୍ଜୀ ସିଷ୍ଟମ୍ ମଧ୍ୟ ରହିଛି । ଦମ୍ପତି ଜଣକ ଏହି ଘରକୁ ବନାଇବା ଲାଗି ୨.୪୦ ଲକ୍ଷ ପାର୍ଟ୍ସ ବ୍ୟବହାର କରିଥିବା କହିଛନ୍ତି । ଏଥି ମଧ୍ୟରୁ ଅଧିକାଂଶ ପାର୍ଟ୍ସ ରିସାଇକଲ ହୋଇଥିବା ଯନ୍ତ୍ରାଂଶ ଅଟେ । ଝଡ ତୋଫାନ ଆସିବା ପରେ ଯଦି ଘରଟିର କିଛି ତ୍ରୁଟି ଆସେ ତେବେ ସଙ୍ଗେ ସଙ୍ଗେ ଏହାକୁ ସଜାଡି ଦେଉଥିବା କହନ୍ତି ଆଡମ୍ । ଏହି ଘରଟିର ସୁନ୍ଦରତାକୁ ବଜାୟ ରଖିବା ପାଇଁ ଆଡମ୍ ସର୍ବଦା ଏଥିରେ କିଛି ନା କିଛି କାମ କରିଥାନ୍ତି । କ୍ୟାଥେରିନ୍ ପେସାରେ ଜଣେ ଡାନ୍ସର୍ ଥିବା ବେଳେ ଆଡମ୍ ଜଣେ ପ୍ରଫେସ୍ନାଲ ଆର୍ଟିଷ୍ଟ ଅଟନ୍ତି ।

# ମାନସିକ ଚାପକୁ କମ୍ କରେ ସକାଳ ଜଳଖିଆ

**ସୁନ୍ଦରୀ କନୀନା କପୁର ଖାନ୍‌ଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ରୁଜୁତା ଦିୱେକର୍‌ଙ୍କ ଲେକପ୍ରିୟତା ଏବେ ଶୀର୍ଷରେ ଅଛି । ସୋସିଆଲ ସାଇଟ୍ ଜରିଆରେ ସେ ସମସ୍ତ ବର୍ଗର ଲୋକଙ୍କୁ ବରାବର ପରାମର୍ଶ ଦେଇଥାନ୍ତି । ନିକଟରେ ସେ ସକାଳ ଜଳଖିଆର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି ।**

- ସକାଳବେଳାର ପ୍ରଥମ ଭୋଜନକକୁ ରାଜାଙ୍କ ପରି କରିବା ଉଚିତ । କାରଣ ପୂରାଦିନ ଏହି ଖାଦ୍ୟ ହିଁ ଆମ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ସ ଓ ମିନେରାଲ୍ସ ଭରପୂର ଜଳଖିଆ ସମସ୍ତ ବର୍ଗର ଲୋକ କରିବା ଜରୁରୀ ।
- ପରଟା, ଉପମା, ଚୁଡା ସନ୍ତୁଳା, ଇଡ୍‌ଲି, ଦୋସା ଇତ୍ୟାଦି ଜଳଖିଆ ଭାବେ ଖାଇପାରିବେ । ଖାଲିପେଟରେ ଚା' ଓ କଫି କିମ୍ବା ଫଳରସ ପିଅନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ହେବାର ଭୟ ଥାଏ । ପେଟପୂରା ଜଳଖିଆ ଖାଇବା ପରେ ଆପଣ ଏହି ପାନୀୟ ପିଇପାରିବେ ।
- ସକାଳ ଜଳଖିଆ କଲେ ଦିନମାନ ମୁଣ୍ଡବିନ୍ଧା ସମସ୍ୟା ମଧ୍ୟ ହୁଏନାହିଁ । ଯେଉଁଦିନ ଜଳଖିଆରେ ବିଳମ୍ବ କିମ୍ବା କୌଣସି କାରଣରୁ ଆମେ କରିପାରିନଥାଉ, ସେହିଦିନ ହିଁ ବିଭିନ୍ନ ପ୍ରକାର ଶରୀରିକ ଅସୁସ୍ଥତା ଅନୁଭୂତ ହେଉଥିବାର ଅନେକ ସର୍ବେକ୍ଷଣରେ ପ୍ରକାଶ କରିଛନ୍ତି ।
- ଜଳଖିଆ ପେଟପୂରା କଲେ ଆମ ସ୍ମୃତିଶକ୍ତି ମଧ୍ୟ ବୃଦ୍ଧି ହୁଏ । ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ଏଇ ଅଭ୍ୟାସ ପାଳନ କରିବା ଉଚିତ ବୋଲି ରୁଜୁତା କହିଛନ୍ତି ।



- କାରୀନା ଦୈନିକ ସକାଳ ଜଳଖିଆରେ ଘିଅ ପରଟା ଖାଇଥାନ୍ତି । ଏହା ସତ୍ତ୍ୱେ ସେ ନିଜକୁ ଫିଟ୍ ରଖିଛନ୍ତି । କାରଣ ଯୋଗ, ପ୍ରାଣାୟମର ଅଭ୍ୟାସ ମଧ୍ୟ ସେ ନିୟମିତ କରିବାରେ ଆଦୌ ହେଳା କରନ୍ତି ନାହିଁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ଅକ୍ଟୋବର ୨୦୨୦, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ତଳିତଳାନ୍ତ ଅର୍ଥନୀତି...

ସମଗ୍ର ବିଶ୍ୱକୁ କରୋନା ମହାମାରୀ ଆକ୍ରାନ୍ତ କରି ରଖିଥିବା ବେଳେ ଏବେ ସେଥିରୁ ନିସ୍ତାର ପାଇବା ସକାଶେ ବିଶ୍ୱ ନେତୃବର୍ଗ ଯେତିକି ଚିନ୍ତିତ ନୁହଁନ୍ତି, ଏହି ମହାମାରୀ ଅର୍ଥନୀତିକୁ ଯେପରିଭାବେ ତଳିତଳାନ୍ତ କରିଦେଇଛି ସେଥିରୁ ମୁକୁଳିବା ନିମେନ୍ତ ଏବେ ପ୍ରବଳ ପ୍ରୟାସ ଆରମ୍ଭ ହୋଇଛି । ଏହାକୁ ନେଇ ଭବିଷ୍ୟଦ୍ରଷ୍ଟ ଅର୍ଥନୀତିଜ୍ଞ ଓ ରାଜନେତା, ଗବେଷଣା ଅନୁଷ୍ଠାନ ଆଦି ସେମାନଙ୍କର ଅଧ୍ୟୟନରେ ଲିପ୍ତ ଅଛନ୍ତି । କିଛି ବର୍ଷ ଧରି ଏକ ସ୍ୱର ସର୍ବତ୍ର ଶୁଣିବାକୁ ମିଳୁଥିଲା ଯେ, ଏକବିଂଶ ଶତାବ୍ଦୀ ଏସିଆର ଶତାବ୍ଦୀ ରୂପେ ପରିଚିତ ହେବ । ଆର୍ଥିକ ପ୍ରଗତିଠାରୁ ନେଇ ସାମାଜିକ ବିକାଶ ଓ ରାଜନୈତିକ ଅଗ୍ରଗତି ସବୁ ଏସୀୟ ମାପଦଣ୍ଡରେ ବିଚାର କରାଯିବ । ଏହା କେତେକାଂଶରେ ସତ୍ୟ ମଧ୍ୟ । ସମଗ୍ର ଏସିଆ ଭୂଖଣ୍ଡରେ ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧି ମଧ୍ୟରେ ଘଟିଥିବା ପ୍ରଗତିରୁ ତାହା ସହଜରେ ଅନୁମାନ କରାଯାଇପାରେ । ବିଶେଷକରି ଚୀନ ଓ ଭାରତର ବିକାଶ ଏହାର ମୁଖ୍ୟ କାରଣ । ତେବେ ଏସିଆର ସମୃଦ୍ଧି ତଥା ନିୟନ୍ତ୍ରଣର ଚାବିକାଠି ତାହା ହାତରେ ରହିବ, ସେହି ପ୍ରସଙ୍ଗକୁ ନେଇ ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ଯେଉଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା କରୋନା ମହାମାରୀ ତାକୁ ସଂପୂର୍ଣ୍ଣ ରୂପେ ଓଲଟପାଲଟ କରିଦେଇଛି । ଅଷ୍ଟ୍ରେଲିଆର ସିଡନୀ ସ୍ଥିତ ଲୋୱି ଇନଷ୍ଟିଚ୍ୟୁଟ ପକ୍ଷରୁ ଏସୀୟ କ୍ଷେତ୍ରର ସବୁଠାରୁ ପ୍ରଭାବୀ ରାଷ୍ଟ୍ର ସୂଚକାଙ୍କ ତାଲିକାରେ ଏହା ପ୍ରତିଫଳିତ ହୋଇଛି । ଏହି ସୂଚକାଙ୍କ ତାଲିକାରେ ଯଦିଚ ଆମେରିକା ସର୍ବାଗ୍ରେ ରହିଛି, ଚୀନ ଆମେରିକାର ସମକକ୍ଷ ହେବା ସକାଶେ ଦ୍ରୁତ ପ୍ରଗତି ପଥରେ ଧାବମାନ । ଏହା ପ୍ରତିଦ୍ୱନ୍ଦ୍ୱିତାରେ ଭାରତ ଢେର୍ ପଛରେ ପଡ଼ିଯାଇଛି । ଆର୍ଥିକ ଶକ୍ତି ଓ ସାମରିକ ସାମର୍ଥ୍ୟକୁ ନେଇ ହିଁ ଏଭଳି ମାଦପଣ୍ଡ ସ୍ଥିର କରାଯାଇଛି । ପ୍ରତିଷ୍ଠାନର ନିର୍ଦ୍ଦେଶକ ହାର୍ଭେ ଲେମାହିଉଙ୍କ କହିବା ଅନୁସାରେ, କରୋନା ମହାମାରୀ ହିଁ ଏହି ମାନ୍ୟତା ତାଲିକାକୁ ଓଲଟ ପାଲଟ କରିଦେଇଛି । ଯେଉଁ କାରଣରୁ କରୋନା ମହାମାରୀର ଉତ୍ପତ୍ତି ଘଟିଥାଉ ନା କାହିଁକି, ଏହାକୁ ନିୟନ୍ତ୍ରଣ କରିବାରେ ଏବଂ କରୋନା ମହାମାରୀରୁ ମୁକୁଳି ଅର୍ଥନୀତିକୁ ପ୍ରଗତି ପଥରେ ଆଗେଇ ନେବାରେ କୌଣସି ରାଷ୍ଟ୍ର ଚୀନର ସମକକ୍ଷ ହୋଇପାରି ନାହାଁନ୍ତି । ଏବେ ୟୁରୋପ, ଆମେରିକା, ଭାରତ, ଜାପାନ ଭଳି ରାଷ୍ଟ୍ରମାନେ କରୋନା ସହ ଚୀନ ତା'ର ଉତ୍ପାଦନ, ବାଣିଜ୍ୟ, ରପ୍ତାନି ଏବଂ ପ୍ରଗତି ପଥରେ ଆଗକୁ ପୂର୍ବାପେକ୍ଷା ଅଧିକ ବେଗରେ ଧାଉଁଛି । ଚୀନର ଅର୍ଥନୀତି କହିଲେ ସମଗ୍ର ବିଶ୍ୱ ଅର୍ଥନୀତିର ୩୦ ପ୍ରତିଶତକୁ ବୁଝାଏ । ସେଥିରେ କରୋନା କବଳରୁ ମୁକୁଳି ସେ ଦେଶ ଜୁଲାଇଠାରୁ ସେପ୍ଟେମ୍ବର ମଧ୍ୟରେ ବ୍ରାଜିଲ ଓ ଭାରତ ଭଳି ରାଷ୍ଟ୍ରଙ୍କଠାରୁ ଅଧିକ ଲୌହ କ୍ରୟ କରିଛି । ଆମେରିକାଠାରୁ ଅଧିକ ଶସ୍ୟ ଓ ମାଂସ କ୍ରୟ କରିଛି, ମାଲେସିଆଠାରୁ ଅଧିକ ପାମ୍ ତୈଳ କିଣିଛି । ଆଗାମୀ ଦିନରେ ଆମେରିକା ଅବା ଅନ୍ୟ ଯେକୌଣସି ରାଷ୍ଟ୍ରଙ୍କଠାରୁ ଚୀନର ଆର୍ଥିକ ସମୃଦ୍ଧି ଅଧିକ ହେବା ଆକଳନ କରାଯାଇଛି । ବିସ୍ମୟର କଥା, କରୋନା ମହାମାରୀକୁ ନେଇ ଚୀନ ଉପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ସନ୍ଦେହ ପ୍ରକଟ କରନ୍ତି । ଏପରିକି ଏକ ମହାମାରୀ ଅଧିକାଂଶ ଚୀନ ବିଶ୍ୱ ସହ ନିଜର ବାସ୍ତବ ସୂଚନା ମଧ୍ୟ ବାଣ୍ଟିନଥିଲା । ପୁନଶ୍ଚ ଚୀନର ସଂପ୍ରସାରଣବାଦ, ବାଣିଜ୍ୟ ବିବାଦ, ଜାତିସଂଘରେ ବିବଦମାନ ଭୂମିକା ଗ୍ରହଣକୁ ନେଇ ଅଧିକାଂଶ ରାଷ୍ଟ୍ର ଏହା ଉପରେ ଖପ୍ପା । ତେଣୁ ସେମାନେ ଚୀନ ଉପରେ ଆର୍ଥିକ ଓ କୂଟନୈତିକ ଅଙ୍କୁଶ ଲଗାଇଛନ୍ତି । ଏ ଦିଗରେ ଆମେରିକା ଓ ଭାରତ ସର୍ବାଗ୍ରେ ଅଛନ୍ତି । ତଥାପି ଚୀନ ତାର ପ୍ରଭାବ ଅକ୍ଷୁଣ୍ଣ ରଖିପାରିଛି । ଏହା ଭବିଷ୍ୟତରେ ବିଶ୍ୱ ଶୃଙ୍ଖଳାରେ ହେବାକୁ ଥିବା ପରିବର୍ତ୍ତନର ମଧ୍ୟ ସୂଚନା ଦିଏ । କେବଳ ସେତିକି ନୁହେଁ, ଏସିଆ, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ଦକ୍ଷିଣ ଚୀନ ସାଗର, ଭାରତ ମହାସାଗର କ୍ଷେତ୍ରରେ ଭବିଷ୍ୟତରେ ଚୀନର ଭୂମିକା କ'ଣ ହେବ ଏବଂ ଏହାକୁ ନେଇ କି ପ୍ରକାର ବିବାଦ ସୃଷ୍ଟିହେବ ତାହା ବିଚାର୍ଯ୍ୟ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆମେରିକାକୁ ମହାଶକ୍ତିରେ ପରିଣତ କରିଥିଲା । କିନ୍ତୁ ଏବେ ଆମେରିକା ଆର୍ଥିକ ମହାଶକ୍ତିରେ ପରିଣତ କରିଥିଲା । କିନ୍ତୁ ଏବେ ଆମେରିକା ଆର୍ଥିକ ମହାଶକ୍ତି ଭାବେ ନିଜ ସ୍ଥିତିକୁ ସୁଦୃଢ଼ ଭାବେ ରଖିବାକୁ ଅକ୍ଷମ । ରୁଷିଆର ଭୂମିକା ବିଶ୍ୱସ୍ତରରେ ହ୍ରାସ ପାଇସାରିଛି । ଜାପାନ ତା'ର ନିରବ ଅର୍ଥନୀତିକୁ ନେଇ ସନ୍ତୁଷ୍ଟ । ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଆଦି ରାଷ୍ଟ୍ର ବିଶ୍ୱ ନେତୃତ୍ୱ ନେବାକୁ ନାରାଜ । ଚୀନ ଓ ଭାରତ ଏସିଆର ଦୁଇ ପ୍ରମୁଖ ମହାଶକ୍ତି ଭାବେ ପାରସ୍ପରିକ ବିବାଦରେ ଲିପ୍ତ । ତେଣୁ ପରିବର୍ତ୍ତିତ ବିଶ୍ୱ ଶୃଙ୍ଖଳା ଅର୍ଥନୀତିକୁ କେଉଁ ଦିଗରେ ନେବ ଓ ସେଥିରୁ କି ପ୍ରକାର ବିବାଦ ଅବା ଶାନ୍ତି ଅର୍ଥନୀତିକୁ କେପଉଁ ଦିନରେ ନେବ ଓ ସେଥିରୁ କି ପ୍ରକାର ବିବାଦ ଅବା ଶାନ୍ତି ଉପୁଜିବା ତାହା ଲକ୍ଷ୍ୟ କରିବା କଥା ।

## କବିତା କୋଣାର୍କ





### ଝାଉଁ କୁଞ୍ଜନ ତଳେ...

ଶୁଭସ୍ମିତା ତ୍ରିପାଠୀ

ଝାଉଁକୁଞ୍ଜର ଜହ୍ନର ତଳେ
ନିଶି ଗନ୍ଧାର କୋଳେ
ନିଶୀଥ ମାଧୁରୀ କାହିଁଗଲା
ଝରି ଶୂନ୍ୟ ତନୁର ତଳେ
ଦୂର ମେଘତଳ ଚନ୍ଦ୍ର ଅଧରୁ
ଝରିଲା ଅମୃତ ଧାର
ନିକ୍କଣ ନୂପୁରେ ଗୁଞ୍ଜରିତ
ହେଲା ଅଭିସାରିକାର ପୁର
କା' ଚରଣ ଚିହ୍ନେ ଫୁଟିଗଲା
କଇଁ ନୀଳଅମ୍ବର ତଳେ
କା' ତନୁ କିରଣେ ନବ ଶିହରଣ
ହୃଦୟ ମୁକୁତା ଝଳେ
ଚନ୍ଦ୍ର ହାସିତ ସ୍ୱପ୍ନର ସ୍ୱରେ
କୁଂକୁମ ଦେଇ ରଚି
ସହସ୍ର ତାରକା ସେ କେଉଁ
ଆକାଶେ ଅବାରିତେ ଗଲେ ଲୁଚି
ଚନ୍ଦ୍ରିକା ଯାହା ଉଡିଯାଇଥିଲା
ସେ ଦିଗବଳୟ ବୁକେ
ଖୋଜୁଥିଲା ରାହା ଶୂନ୍ୟ
ଶାମୁକା ପ୍ରତୀକ୍ଷିତାର ଅଂକେ
ଝାଉଁ କୁଞ୍ଜର ସେପାଖର ଜହ୍ନ
ମେଘର ଉଭରୀ ଡେଇଁ
ଆଖି ଚାହିଁଥିଲା ରାତ୍ରିର ଜୋଛନା
ଶୀତଳ ଉତ୍ତାପ ଛୁଇଁ
ପଦଚିହ୍ନ ଯାହା ବାଲୁକା ବୁକୁର
ବକ୍ଷରେ ବୋଲିଦେଇ
ସୂର୍ଯ୍ୟ ଉଇଁଲା କୃଷ୍ଣଚୂଡ଼ାର
ରକ୍ତିମ ମୁଖ ଚାହିଁ...!

+ ସ୍ନାତକ ଶେଷ ବର୍ଷ ଛାତ୍ରୀ
ବ୍ରହ୍ମପୁର, ଗଞ୍ଜାମ
ମୋ: ୮୨୪୯୮୦୧୮୫୪

## ସୂର୍ଯ୍ୟମଣି ପଣ୍ଡାଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକ

ଶ୍ରୀ ବିଧାନ ଚନ୍ଦ୍ର ରାୟ



ଆଜି ସ୍ୱର୍ଗତଃ ସ୍ୱାଧୀନତା ସଂଗ୍ରାମୀ ସୂର୍ଯ୍ୟମଣି ପଣ୍ଡାଙ୍କର ୩ୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ତାଙ୍କ ଶୋଭାରାମ ପୁରସ୍ଥ ବାସ ଭବନରେ ନିରାଡ଼ମ୍ବର ସହ ପାଳନ କରାଯାଉଛି । ସେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଛତିଆ ନିକଟସ୍ଥ ଉପଳା ଗ୍ରାମରେ ପିତା ପୁରସ୍ତମ ପଣ୍ଡା ଓ ମାତା ପୀତାମ୍ବରୀ ବିଦ୍ୟାଙ୍କ କୋଳମଣ୍ଡନ କରି ୧୯୨୨ ମସିହା ଅକ୍ଟୋବର ୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ଚମ୍ପାପୁର ଗାନ୍ଧୀ ସେବାଶ୍ରମ ହାଇସ୍କୁଲରେ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଆହ୍ୱାନରେ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଝାସ ଦେଇଥିଲେ । ସେ ବାଲେଶ୍ୱରରେ ପ୍ରୀୟନାଥ ସରକାରଙ୍କ ଲିଥୋ ମେସିନରୁ ପ୍ରିଣ୍ଟ ହେଉଥିବା ରଣଭେରୀ ପତ୍ରିକା ନେଇ ଗ୍ରାମାଞ୍ଚଳରେ ବଣ୍ଟନ କରିବା ସହ ଇଂରେଜ ବିରୁଦ୍ଧରେ ଆନ୍ଦୋଳନ ପାଇଁ ପ୍ରଚାର କରୁଥିଲେ । ପ୍ରୀୟନାଥ ସରକାରଙ୍କ ଘରେ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ମୋହନ ଦାସ, ପୂର୍ଣ୍ଣଚନ୍ଦ୍ର ଗିରୀ, ପୂର୍ଣ୍ଣଚନ୍ଦ୍ର ଜୀ, ବ୍ରଜେନ୍ଦ୍ରନାଥ ରାୟ, ପୁରସ୍ତମ ବେହେରା ଓ ବାଞ୍ଛାନଧି ଗିରୀ, ପ୍ୟାରୀମୋହନ ଦାସ, ଦୁର୍ଗା ଦାସ ପ୍ରମୁଖ ସ୍ୱାଧୀନତାଙ୍କ ସହ ମିଶି କାମ କରୁଥିଲେ । ସୂର୍ଯ୍ୟମଣି ପଣ୍ଡା ରଣଭେରୀ ପତ୍ରିକା ବଣ୍ଟନ ପରେ ପାସେଞ୍ଜର ଗାଡ଼ିରେ ଫେରିବା ସମୟରେ ପୋଲିସ ହାତରେ ଧରାପଡ଼ି ଯାଜପୁର ଯାଜପୁର କେମ୍ପକୋର୍ଟରେ ୪ ମାସ ରହିବା ପରେ ବିଚାରରେ ୭ ମାସରୁ ଊର୍ଦ୍ଧ୍ୱ ତାକୁ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା । ସେ ଭାରତର ସ୍ୱାଧୀନତାପ୍ରାପ୍ତି ପରେ ବ । ଲେ ଶ୍ ୱ ର ର ଶୋଭାରାମପୁରଠାରେ ବସବାସ କରିବା ସହିତ ରେଳ ଷ୍ଟେସନ ଠାରେ ଏକ ହୋଟେଲ ଓ ପରେ ବୀଣାପାଣି ପୁସ୍ତକ ଭଣ୍ଡାର ଖୋଲି ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । ସେ ଫୁଲ ଚାଙ୍ଗୁଡ଼ି ନାମକ ଏକ ଶିଶୁ ପତ୍ରିକା ପ୍ରକାଶ କରିଥିଲେ । ସେ ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ସମିତିର ଉପସଭାପତି, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସାଧାରଣ ସଂପାଦକ ଓ ବାଲେଶ୍ୱର ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଥିଲେ । ସେ ରାଷ୍ଟ୍ରପତି ଅବଦୁଲ କାଲାମ, ଉତ୍କଳ ଜ୍ୟୋତି ସମ୍ମାନ, ସ୍ୱାଧୀନତା ସଂଗ୍ରାମର ରଜତ ଜୟନ୍ତୀରେ ଇନ୍ଦିରା ଗାନ୍ଧୀ ସମ୍ମାନ, ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ସେନାନୀ ସମ୍ମାନ, ଡକ୍ଟର ହରେକୃଷ୍ଣ ମହତାବ ସ୍ମୃତି ସମ୍ମାନ, ଓଡ଼ିଶା ବିଧାନ ସଭାରେ ସ୍ୱାଧୀନତା ସଂଗ୍ରାମୀ ସମ୍ମାନ, ସହୀଦ ରଘୁ - ଦିବାକର ସ୍ମୃତି ସମ୍ମାନ, ପ୍ରତିଭା ସ୍ମୃତି ପରିଷଦ ସମ୍ମାନ, ସମ୍ବାଦ ଓ ରେଡିଓ ଚକଲେଟ ସମ୍ମାନ, ଶିଶୁ ବଜାର ଚୌଦ୍ୱାର ସମ୍ମାନ, ବାପୁ ସ୍ମାରକି ନିକେତନ ସମ୍ମାନ, ଫକୀର ମୋହନ ପରିଷଦ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ । ସେ ୨୦୧୭ ମସିହା ସେପ୍ଟେମ୍ବର ୨୬ ତାରିଖରେ ଷଷ୍ଠି ତିଥିରେ ସ୍ୱର୍ଗା ରୋହଣ କରିଥିଲେ । ଆଜି ତାଙ୍କର ତୃତୀୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ସେହି ମହାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛୁଁ ।

+ କାର୍ଯ୍ୟକାରୀ ସଭାପତି
ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ, ଓଡ଼ିଶା

## ଗରିବୀର ନିକିତି

ଡ଼ଂ ଶୁଭାଶିଷ ସୌଭାଗ୍ୟ ଶେଖର ସ୍ୱାଇଁ



କରୋନା ଯୋଗୁ ଲୋକେ ଜୀବନ ଓ ଜୀବିକା ହରାଇଛନ୍ତି। ଏ ହି ସମୟରେ ଧନୀ ତାଲିକାରେ ପ୍ରଥମ ସ୍ଥାନରେ ଥିବା ମୁକେଶ ଅମ୍ବାନୀ ଘଣ୍ଟାକୁ ୯୦ କୋଟି ଟଙ୍କା ରୋଜଗାର କରୁଛନ୍ତି । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ତାଙ୍କ ସମ୍ପତ୍ତିରେ ୭୪% ବୃଦ୍ଧି ଘଟିଛି । ହିନ୍ଦୁଜା ବ୍ରଦର୍ସ, ଏଚସିଏଲ, ଗୌତମ ଅଦାନି, ୱିପ୍ରୋର ଅଜମୀ ପ୍ରେମଜୀ କ୍ରମାନୁଯାୟୀ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଅଛନ୍ତି । ଲୋକେ ଏଠି କରୋନା ଯୋଗୁ ପେଟକୁ ଦୁଇ ମୁଠା ଖାଇବାକୁ ସଂଘର୍ଷ କରୁଥିବା ବେଳେ ହାରୁନ ଇଣ୍ଡିଆ ଧନୀ ତାଲିକା ଦେଖି ଆଖି ଖୋସି ହୋଇଯିବ । ଯେତେ ବ୍ୟାକୁଳତା ସହ ଏହି ଧନୀ ତାଲିକା ପ୍ରକାଶ ପାଏ ଓ ଗଣମାଧ୍ୟମରେ ଚର୍ଚ୍ଚା ହୁଏ ସେହି ଅନୁପାତରେ ଗରିବଙ୍କ ତାଲିକା ଲମ୍ବା ହୋଇଯିବା ସିନା ସ୍ଥାନ ପାଇବ ନାହିଁ । କିନ୍ତୁ ଆଜି ଗରିବୀର ସଜ୍ଞା ବଦଳିଛି । ଅର୍ଥରେ ନୁହେଁ ମାନସିକ ସ୍ତରରେ ମଧ୍ୟ । ଧନୀ ଓ ଗରିବର ପ୍ରକୃତ ପରିମାପକ କଣ ? ଆଜି ଏହାକୁ ଆଲୋଚନା କରିବା ଆମ ଚତୁଃପାର୍ଶ୍ୱରେ ବିଗତ ଦିନରେ ଘଟୁଥିବା ଘଟଣାବଳୀ ଉପରେ ନଜର ପକାଇ ।

ପେଟକୁ ଦୁଇମୁଠା ଦାନା ନଥିବ, ମୁଣ୍ଡ ଗୁଞ୍ଜିବାକୁ ଚାଳ ନଥିବ, ଲଜ୍ୟା ନିର୍ବାରଣ କରିବାକୁ ବସ୍ତଟିଏ ନଥିବ । ଏପରି ଲୋକଙ୍କୁ ହିଁ ଆପଣ ଅସହାୟ ଓ ଗରିବ କହିବେ ନିଶ୍ଚୟ । ସେହି ଗରିବ ଶବ୍ଦଟିରୁ ଜନ୍ମନିଏ- ନେତା, ସମାଜସେବୀ ଓ ସରକାର । ସେଦିନ ବାପା ଯୌତୁକରେ ଏଚଏମଟି ଘଣ୍ଟା, ରାଲେ ସାଇକଲ ଓ ଜିଏଫ ରେଡିଓ ଆଣି ଚହଳ ପକାଇଥିଲେ । ବିବାହ ଠିକ ହେବା ପୂର୍ବରୁ ଘର-ବର ଦେଖାରେ କେତେ ବସ୍ତା ଚାଉଳ, ଧାନ ବଦାରି, ଚାଷ ଜମି, ଢିଙ୍କି ଶାଳ ଓ ଶାଳଖୁଣ୍ଟର ଚାଳଘର ଦେଖୁଥିଲେ । ଆଜି କାନ୍ଥରେ ପଚାଶ ଇଞ୍ଚର ପ୍ଲାଟ ଟିଭି, ଘର ଆଗରେ ବୁଲେଟ ସହିତ ସ୍କର୍ପିଓ, ଗାଈ ବଦଳରେ ବେଡରୁମରେ ବିଦେଶୀ କୁକୁର ହିଁ ଆଭିଜାତ୍ୟର ଅଙ୍ଗ । ଆଜି ପୁଅ ବିବାହରେ କେବଳ ଭିଡିଓ ସୁଟିଂରେ ଯେତିକି ଟଙ୍କା ଖର୍ଚ୍ଚ ହୁଏ ବାପା ପାଇଥିବା ମୋଟ ଯୌତୁକ କମ ପଡିବ । ସମୟ ସହିତ ପରିସ୍ଥିତି ଓ ପରିବେଶ ବଦଳିଛି । ତେଣୁ ଏ ଦୁନିଆ ଗରିବ କହିବ ସେମାନଙ୍କୁ- ଝିଅ ବହାଘର କରିପାରୁନଥିଲେ ନୁହେଁ ବରଯାତ୍ରୀଙ୍କୁ ମଟନ ଆପାୟିତ ନକରିପାରିଲେ ! ଏପରି ବହୁତ ଉଦାହରଣ ମିଳେ । ଯେପରି କୋଠା ଘର ଅଛି, କିନ୍ତୁ ମାର୍ବଲ ପଡିନାହିଁ । ମଟର ସାଇକେଲ ଅଛି, କିନ୍ତୁ ତିନିଶହ ସିସିର ନୁହେଁ । କାର ଅଛି, କିନ୍ତୁ ଦାମୀ ନୁହେଁ । ମୋବାଇଲ ଧରୁଛନ୍ତି, କିନ୍ତୁ ଆପଲ ନୁହେଁ । ବୁଟ ପିନ୍ଧୁଛନ୍ତି, କିନ୍ତୁ ରିବକ୍ସ ନୁହେଁ । ପଙ୍ଖା ଅଛି, ଏସି ନାହିଁ । ଲଣ୍ଠନ ବଦଳରେ ଇଲେକ୍ଟ୍ରିକାଲ ଜାଳୁଛନ୍ତି, ଇନଭଟର ନାହିଁ । ଶେଷରେ ଶେଷକୃତ୍ୟ ଗାଁ ମଶାଣିରେ ହେଉଛି, କିନ୍ତୁ ସିଧା ଘରୋଇ ଡାକ୍ତରଖାନାରୁ ସ୍ୱର୍ଗଦ୍ୱାରରେ ନୁହେଁ । ତା ହେଲେ ଆପଣ ତ ଜଣେ ସାଧାରଣ ଲୋକ । କିଏ କହିବ ଆପଣଙ୍କୁ ଧନୀ ? ଏ ହେଉଛି ଆଜିର ମାନସିକତା !

ବର୍ତ୍ତମାନ ଗରିବ ତ ସିଏ ଯିଏ ଧାର, ଉଧାର, ଋଣ ନକରି ଆୟ ଦେଖି ବ୍ୟୟ କରି ଚଳୁଛି ! ଧନୀ ତ ସିଏ ଯିଏ ବ୍ୟାଙ୍କରୁ ମୋଟା ଅଙ୍କର ଋଣ କରିଥିବ । ପର୍ବପର୍ବାଣିରେ ସାହିର ପିଲାଙ୍କୁ ମଦ, ମାଂସ ଓ ବଡ ଚାନ୍ଦା ଦେଇ ପାରୁଥିବେ । ନିଜେ ବ୍ୟାଗ ଧରି ସଉଦା କିଣିବାକୁ ଯାଉ ନଥିବେ । କୋର୍ଟରେ ଆର୍ଥୀକ ଅନିୟମିତତା ଓ ଦୁର୍ନୀତି କାରବାରରେ କେଶ ଚାଲୁଥିବ । ପଡିଶାଙ୍କ ଘରକୁ ଯିବା ଆସିବା ନଥିବ । ସେମାନେ କଥାଟିଏ କହିବାକୁ ସଙ୍କୋଚ କରୁଥିବେ । ପୁଅ ବିଦେଶରେ ଥିବ । କ୍ରିୟାକର୍ମରେ ଆସି ପାରୁଥିଲେ ସୌଭାଗ୍ୟର କଥା । ଆଉ ନାତି ନାତୁଣୀ ମାତୃଭାଷା କହିପାରୁନଥିବେ । କ୍ଷୀର ଖାଉଥିବେ, କିନ୍ତୁ ଗାଈକୁ ଚିହ୍ନିପାରୁ ନଥିବେ । ନୀତି, ନିୟମ, ଆଇନ, କାନୁନର ଭାଷଣ ଦେଉଥିବେ; କିନ୍ତୁ ସିଟବେଲଟ, ମାସ୍କ ନପିନ୍ଧି ଓ ନୋ ପାର୍କିଂରେ ଗାଡି ରଖି ଭିଆପିର କାର୍ଡ ଦେଖାଉଥିବେ । ଏପରି ଲକ୍ଷଣ ଥିଲେ ଆଜିର ଦୁନିଆରେ କେହି ଆପଣଙ୍କୁ ଗରିବ କହିବାକୁ ସାହସ କରି ନ ପାରନ୍ତି । ଏହି କରୋନା ସମୟରେ ବଲିଉଡର ଗାୟକ ବାଦଶାହଙ୍କ କଣ୍ଠରେ 'ବଡ ଲୋକର ବେଟି ଲୋ ଲମ୍ବା ଲମ୍ବା ଚୁଲ' ରାପଟି ଗୁରୁତ୍ୱ ରଖେ । ଲମ୍ବା ଚୁଳର ଯତ୍ନ ନେବା ଓ ତେଲ ମାରିବା ଗରିବ ପାଖେ ଆଉ ସମ୍ଭବ ନୁହେଁ । ଗରିବ ଯେଉଁଠି ଦୁଇମୁଠା ପାଇଁ ସଂଘର୍ଷ କରେ ସେଠି ମୁଣ୍ଡରେ ତେଲ ମାରିବ କିପରି ? ତେଣୁ ବଡ ଲୋକଙ୍କର ହିଁ କେବଳ ବଡ ବଡ ଚୁଳ(ବେଣୀ) ଦେଖିବାକୁ ମିଳିବ କି ? କାରଣ ଏଠି ତେଲିଆ ମୁଣ୍ଡରେ ତେଲ ଢଳା ଯାଏ, ନୁଖୁରା କଥା କିଏ ପଚାରେ ?

ଆମେ ଜାଣନ୍ତି କରୋନା ଯୋଗୁଁ ରାଜସ୍ୱ କିମିଛି ଏବଂ ଜୀବନ ଓ ଜୀବିକା ଉଭୟ ଦିଗ ହରାଇଛି । ଏହାର ପ୍ରଭାବ କାହା ଉପରେ ପଡି ନଥିଲେ ସେ ଭାଗ୍ୟବାନ ନିଶ୍ଚୟ । ଯେପରି ଦିନକୁ ଦିନ ଧନୀ ତାଲିକାରେ ସଂଖ୍ୟା ବଢି ଚାଲିଛି । ହାରୁନ ଇଣ୍ଡିଆ ଧନୀ ତାଲିକା ଅନୁଯାୟୀ ଏଥର ୮୨୮ ଜଣ ନୂତନ ଭାବେ ଧନୀ ତାଲିକାରେ ସାମିଲ ହୋଇଛନ୍ତି । ପୁଣି ଆଶ୍ଚର୍ଯ୍ୟଲାଗେ ଏହି କରୋନା ସମୟରେ ଶହେପାଞ୍ଚ ପ୍ରକାର ବ୍ୟଞ୍ଜନ ଜ୍ୱାଇଁକୁ ପରଷିବା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଓ ସେ ମଧ୍ୟ ସବୁ ଖାଇ ପାରିନଥିବେ କଥାଟି ସତ । ଏହା ବି ସତ ଯେ ଏତେ ପ୍ରକାର ବ୍ୟଞ୍ଜନ ଭୋକ ମେଣ୍ଟାଇବା ପାଇଁ ଆୟୋଜିତ ହୋଇ ନଥିଲା । ଠିକ ସେହିପରି ଶହେ ଗ୍ରାମ ସୁନାରେ ମାସ୍କ କରି ପିନ୍ଧିବା କରୋନାରୁ ରକ୍ଷା ପାଇବା ପାଇଁ ବୋଲି ସତରେ ହୋଇଥିବ କି ? କିନ୍ତୁ ଜଣେ କଳାକାର ଦୁଇମୁଠା ପେଟକୁ ଦାନା ପାଇଁ ରାସ୍ତାକଡରେ ପରିବା ବିକ୍ରି କରିବାର ସତ ଅଭିନୟ କରୁଥିବାର ଦେଖିବାକୁ ମିଳିଲା । ପୁଣି ଆମେ କିପରି ବିଶ୍ୱାସ କରିବା ଯେ ଦୁଇ ଶହ ସିସି ମୋଟରସାଇକେଲରେ ଆସି ମହିଳାଙ୍କ ବେକରୁ ସୁନା ଚେନ ରାଜଧାନୀର ରାଜରାସ୍ତାରୁ ଝାମ୍ପି ନେବା ଗରିବୀ କାରଣରୁ ଅଭାବର ଲକ୍ଷଣ ନା ବେରୋଜଗାରର ବାହାନା ? ଏପରି ବହାନା ଓ ଲକ୍ଷଣ କେବେବି ଅଭାବ ଦୂର କରିପାରିବ ନାହିଁ ନା ଗରିବୀ । ସର୍ବନିମ୍ନ ଆବଶ୍ୟକତାରୁ ଅଭାବ ପଡୁଥିଲେ ଗରିବୀ ବୋଲାଇବେ କିନ୍ତୁ ଆବଶ୍ୟକତାରୁ ଅଧିକ ଥାଇ ଅନ୍ୟର କାମରେ ନ ଆସିଲେ ସେ ଧନୀର ମାନେ ବା କଣ ? ଆଜି ଗରିବୀକୁ ଧନରେ ତଉଲି ନୁହେଁ ମନକୁ ଆପଣାର ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ଖୋଜିବାକୁ ହେବ । ଏ ଦୁନିଆ ଧନ ଓ ଧନୀଙ୍କୁ ନିକିତିରେ ତଉଲେ ସିନା ଗରିବର ଗରିବୀକୁ ଉପହାସରେ ନୁହେଁ କି ?

+ ଭଣ୍ଡାରିପୋଖରୀ, ଭଦ୍ରକ ।
ମୋ: ୯୭୭୮୧୬୧୫୦୦

## ରାଜନୈତିକ ଚକ୍ରବ୍ୟୁହରେ ଗଣମାଧ୍ୟମ

ସୀତାରାମ ପାତ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କେବଳ ଏତିକି ନୁହେଁ ନ୍ୟୁଜ୍ ଏଜେନ୍ସି ଗୁଡ଼ିକୁ ନିୟନ୍ତ୍ରଣ କରିବାରେ ସହଜ ହେବା ପାଇଁ ୧୯୭୬ ମସିହା ଫେବୃଆରୀ ୧୬ତାରିଖରେ ଦେଶର ପ୍ରମୁଖ ୪ଗୋଟି ନ୍ୟୁଜ୍ ଏଜେନ୍ସି (ପିଟିଆଇ, ୟୁଏନ୍ଆଇ, ହିନ୍ଦୁସ୍ତାନ ସମାଚାର ଓ ସମାଚାର ଭାରତୀ)କୁ ବନ୍ଦ କରିଦେଇ ସମାଚାର ନାମକ ଏକ ଏଜେନ୍ସି ଗଠନ କରିଥିଲେ, ଯାହା ପିଟିଆଇ କାର୍ଯ୍ୟାଳୟରେ କାର୍ଯ୍ୟକରିଥିଲା । ଜରୁରୀ ପରିସ୍ଥିତିକୁ ଦେଶରେ ପ୍ରବଳ ବିରୋଧ ହେବା ସହିତ ଜୟପ୍ରକାଶ ନାରାୟଣ ଓ ବିଭିନ୍ନ ଜନନାୟକମାନଙ୍କୁ ଗିରଫ କରାଯିବାରୁ ପରିସ୍ଥିତି ଜଟିଳ ହୋଇପଡ଼ିଥିଲା । ଫଳରେ ଇନ୍ଦିରା ଗାନ୍ଧୀ ୧୯୭୭ ମସିହାରେ ନିର୍ବାଚନ କରିବା ପାଇଁ ବାଧ୍ୟ ହୋଇଥିଲେ ଏବଂ ଏହି ନିର୍ବାଚନରେ ସେ ପରାଜିତ ହୋଇଥିଲେ । କେନ୍ଦ୍ରରେ ଜନତା ଦଳ ମୋରାର୍ଜୀ ଦେଶାଇଙ୍କ ନେତୃତ୍ୱରେ ସରକାର ଗଠନ କରିବା ପରେ ୧୯୭୮ ଏପ୍ରିଲ ମାସରେ ସମାଚାରକୁ ଭାଙ୍ଗି ଦେବାପରେ, ସେହିବର୍ଷ ସେପ୍ଟେମ୍ବରରେ ୪ଟି ନ୍ୟୁଜ୍ ଏଜେନ୍ସି (ପିଟିଆଇ, ୟୁଏନ୍ଆଇ, ହିନ୍ଦୁସ୍ତାନ ସମାଚାର ଓ ସମାଚାର ଭାରତୀ) ପୁନର୍ବାର କାର୍ଯ୍ୟକ୍ଷମ ହୋଇଥିଲା । ଏହା ବୋଧହୁଏ ସ୍ୱାଧୀନ ଭାରତରେ ଗଣମାଧ୍ୟମ ଉପରେ ପ୍ରଥମ ଆକ୍ରମଣ ।

ଭାରତ ସ୍ୱାଧୀନ ହେବା ପୂର୍ବରୁ ବ୍ରିଟିସ୍ ଶାସକମାନେ ମଧ୍ୟ ଗଣମାଧ୍ୟମକୁ ନିଜ ଅକ୍ତିଆରରେ ରଖିବା ପାଇଁ ଉଦ୍ୟମ ଜାରୀ ରଖିଥିଲେ । ଭାରତରେ ପ୍ରଥମ ଖବରକାଗଜ ଜାନୁଆରୀ ୨୯ ତାରିଖ ୧୭୮୦ ମସିହାରେ ଆରମ୍ଭ ହୋଇଥିଲା । ଯାହାର ନାମ ଥିଲା 'ବେଙ୍ଗଲ ଗେଜେଟ' ଏବଂ ଏହାକୁ ଇଷ୍ଟଇଣ୍ଡିଆ କମ୍ପାନୀର ଜଣେ କର୍ମଚାରୀ 'ହିକି' ଆରମ୍ଭ କରିଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀର ଜଣେ କିରାଣୀ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ କମ୍ପାନୀ ବିରୁଦ୍ଧରେ ଲେଖିବାକୁ ସେ ପଛାଇ ନଥିଲେ । ବ୍ରିଟିସ୍ କମ୍ପାନୀର ଗୁମର ପଦାରେ ପଡ଼ିବା ସହିତ କଲିକତା, ବମ୍ବେ, ମାଡ୍ରାସ୍ ପ୍ରଭୃତି ଖବର କାଗଜର ସଂଖ୍ୟାବୃଦ୍ଧି କମ୍ପାନୀର ମୁଣ୍ଡବ୍ୟଥାର କାରଣ ପାଲଟିଯିବାରୁ ଖବର କାଗଜ ଉପରେ ୧୭୯୫ ମସିହାରେ ସେନସରସିପ୍ ଲାଗୁ କରିଥିଲେ । ଖବରକାଗଜର ମାଲିକ, ପ୍ରିର, ଏଡିଟରଙ୍କ ନାମ ପ୍ରତ୍ୟେକ ଇସ୍ୟୁରେ ଛାପିବା ପାଇଁ ୧୭୯୯ମସିହା ମେ ମାସରେ ନୂଆ ଆଇନ୍ କରାଯାଇଥିଲା । ସେହିପରି ୧୮୧୮ରେ ଆଦାମ ରେଗୁଲେସନ, ୧ ମାର୍ଚ୍ଚ ୧୮୭୮ରେ ଲର୍ଡ଼ ଲିଟନ୍ ଭେରନୁକୁଲାର ପ୍ରେସ୍ ଆକ୍ଟ ଲାଗୁକରିଥିଲେ । ଏହି ଆଇନ୍ ଅନୁସାରେ ଜଣେ ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ପୋଲିସ କମିସନର ଗୋଟିଏ ଖବର କାଗଜର ପ୍ରିର ଓ ପବ୍ଲିସରଙ୍କୁ କୌଣସି ଖବର ନଛାପିବାକୁ ବାଧ୍ୟ କରିପାରିବାର କ୍ଷମତା ପ୍ରଦାନ କରାଯାଇଥିଲା । ତେଣୁ ବ୍ରିଟିସ୍ ଶାସନ ସମୟରୁ ବର୍ତ୍ତମାନ ସୁଧା ଶାସକମାନେ ଖବର କାଗଜ/ଗଣମାଧ୍ୟମକୁ ନିଜ ହାତମୁଠାରେ ରଖିବାକୁ ଚେଷ୍ଟିତ ।

ପରାଧୀନ ସମୟରେ ବ୍ରିଟିସ୍ମାନେ ଯାହା କରୁଥିଲେ ଭାରତ ସ୍ୱାଧୀନ ହେବାର ୭୩ବର୍ଷ ପରେ ମଧ୍ୟ ବ୍ରିଟିସ୍ ଆଇନ୍ର ପ୍ରଚଳନ ଯେତିକି କ୍ଷଭୋର ବିଷୟ ତା'ଠାରୁ ଅଧିକ ଲଜ୍ୟାକର ମଧ୍ୟ । ତେବେ ପ୍ରଶ୍ନଉଠୁଛିଯେ, ଏଭଳି ଘଟଣାର କାରଣ କଣ (?) ଓ ଏହାର ନିରାକରଣ କଣ ସମ୍ଭବ ନୁହେଁ? ଶାସକ ଓ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ ଦୋଷ, ତୃଟିକୁ ଗଣମାଧ୍ୟମ ଲୋକ ଲୋଚନକୁ ଆଣିବା ବାବୁ ମାନଙ୍କ ହଜମ ହେଉନାହିଁ । ଦ୍ୱିତୀୟରେ, ଗଣମାଧ୍ୟମ ଅବାଧ, ନିରପେକ୍ଷ ହେବା ଜରୁରୀ ହୋଇଥିବା ବେଳେ ବର୍ତ୍ତମାନ ଗଣମାଧ୍ୟମ ଅବାଧ, ନିରପେକ୍ଷ ନୁହେଁ । ଆମରାଜ୍ୟରେ ଶାସକ ଦଳର ବିଷ ଦୃଷ୍ଟିରେ ପଡ଼ିଥିବା ଓଟିଭି ପୂର୍ବରୁ ବିଜେଡି ସପକ୍ଷରେ ଥିବା ବେଳେ (ଯେତେଦିନ ପର୍ଯ୍ୟନ୍ତ ବିଜେଡିରେ ଥିଲେ) ଏବେ ବିଜେପିର ସପକ୍ଷରେ ରହିଛି । ସେହିପରି କନକନ୍ୟୁଜ ଓ ସମ୍ବାଦ ଖବରକାଗଜ ପୂର୍ବରୁ କଂଗ୍ରେସ ସପକ୍ଷରେ ଥିବା ବେଳେ ସୌମ୍ୟରଞ୍ଜନ ପଟ୍ଟନାୟକ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେବା ପରେ ଏହି ଦୁଇଟି ଗଣମାଧ୍ୟମ ସଂସ୍ଥା ବିଜେଡି ସପକ୍ଷରେ ରହିଛି । ପ୍ରଜାତନ୍ତ୍ର, ଧରିତ୍ରୀ ଭଳି ଅନେକ ଖବର କାଗଜ ନବୀନଙ୍କ ସପକ୍ଷରେ ଥିବା ବେଳେ ଭିନ୍ନ ଭିନ୍ନ ଖବର କାଗଜ ଓ ଟିଭି ଚ୍ୟାନେଲ ବିଜେପି ଓ କଂଗ୍ରେସ ଦଳ ସପକ୍ଷରେ ଅଛନ୍ତି । ରିପବ୍ଲିକ ଭାରତ ଟିଭି ଚ୍ୟାନେଲ ମଧ୍ୟ ନିରପେକ୍ଷ ନୁହେଁ । ତାହା ବିଜେପି ସପକ୍ଷରେ ଥିବାରୁ ଉଦ୍ଧବ ଠାକ୍ରେଙ୍କ ବିଷଦୃଷ୍ଟିରେ ପଡ଼ିଛି । ମୋଟ ଉପରେ କହିବାକୁ ଗଲେ ବର୍ତ୍ତମାନ ଗଣମାଧ୍ୟମ ସଂସ୍ଥା ରାଜନୈତିକ ପକ୍ଷ ଭୁକ୍ତ ହେଉଥିବାରୁ ଏଭଳି ଘଟଣା ଅଧିକ ପରିମାଣରେ ଘଟି ଚାଲିଛି । ତୃତୀୟରେ, ଗଣମାଧ୍ୟମ ସଂସ୍ଥା ଗୁଡ଼ିକ ମଧ୍ୟରେ ଏକତା ନରହିବା ଅନ୍ୟଏକ କାରଣ । ଯେଉଁ ଶାସକ କିମ୍ବା ପ୍ରଶାସକ ଗଣମାଧ୍ୟମର କଣ୍ଠରୋଧ କରିବାକୁ ଚେଷ୍ଟା କରୁଛନ୍ତି, ସମସ୍ତେ ମିଳିତ ଭାବରେ ତାହାର ବିରୋଧ କରିବାର ଆବଶ୍ୟକତା ଥିବା ବେଳେ ରାଜନୈତିକ ଫାଟ ଓ ସ୍ୱାର୍ଥ ପାଇଁ ଗଣମାଧ୍ୟମ ଏକ ହୋଇପାରୁ ନାହାନ୍ତି, ଯାହା ଶାସକ ଓ ପ୍ରଶାସକଙ୍କୁ ବେଶ୍ ସୁହାଉଛି ।

ଏଭଳି ଘଟଣାର ନିରାକରଣ ପାଇଁ ଗଣମାଧ୍ୟମକୁ ଅବାଧ, ନିରପେକ୍ଷ ହେବା ସହିତ ଗଣମାଧ୍ୟମ ଗୁଡ଼ିକ ମଧ୍ୟରେ ଏକତା ରହିବାର ଆବଶ୍ୟକତା ରହିଛି । ଯେତେଦିନ ପର୍ଯ୍ୟନ୍ତ ଏହା ହୋଇପାରି ନାହିଁ, ସେତେଦିନ ପର୍ଯ୍ୟନ୍ତ ଶାସକ ଓ ପ୍ରଶାସକମାନେ ଗଣମାଧ୍ୟମକୁ ଏହି ଭଳି ନାଲି ଆଖି ଦେଖାଇ ଚାଲିଥିବେ ଏଥିରେ ତିଳେହେଲେ ଦ୍ୱିମତ ନାହିଁ ।(ସମାପ୍ତ)

+ ସୋର, ବାଲେଶ୍ୱର
୯୪୩୭୩୪୦୮୫୦

## କବିତା କୋଣାର୍କ

### ଅକ୍ଟୋବର...



ସୁଦର୍ଶନ ମହାପାତ୍ର

ଶୀତରତୁର ବାସ୍ନାରେ
ବିଭୋର ଏବେ ଆକାଶ
ତା'ର ନୀଳ ଇଛା ମାନଙ୍କୁ
ବିଛେଇ ଦେଇଛି ଚାରିଆଡ଼େ-
କଇଁ ପୋଖରୀରେ.. ଅବା.
ଫୁଲେଇ ନଈର ଚହଲା ଢେଉରେ ।

ପୁରୁଣା ଗୀତ ଭଳି
ଏବେ ସବୁକିଛି ସୁନ୍ଦର
ସ୍ମୃତିମୟ..
ସମ୍ପର୍କମାନଙ୍କୁ ସଂଖୋଳିବାରେ
ଆକାଂକ୍ଷିତ ସମୟ
ଆତ୍ମୀୟଙ୍କ କୋଳାହଳରେ
ମହୋତ୍ସବର ସମ୍ଭାର ।

ଶୁଭ୍ର ମେଘର ଶୁଭେଚ୍ଛାରେ
ପୁଲକିତ ପାର୍ବଣ,
କାଶତଣ୍ଡୀର ଆଲଟ ଚାମର,
ଖରାର ଲୁଚକାଳି ଖେଳ,
ହୃଦୟରେ ପୁଲକିତ ଭାବ ନେଇ
ଦେବୀଙ୍କ ଆବାହନ ମୁଦ୍ରାରେ
ଏବେ ଅକ୍ଟୋବର !

କୁଆଁର ପୁନେଇରେ
ହସ ହସ ଜହ୍ନର ଚେହେରା
କୁଆଁରୀ ମନରେ...
ଇପ୍ସିତ ସ୍ୱପ୍ନର ଉଚ୍ଚାଟ,
ମା' ଲକ୍ଷ୍ମୀଙ୍କ କରୁଣାରେ
ହର୍ଷ, ଉଲ୍ଲାସରେ ଭରପୁର
ଏଇ ଅକ୍ଟୋବର ।

କେତେ ମଧୁମୟ !
କେତେ ବର୍ଣ୍ଣମୟ !!
ସତେ ଅକ୍ଟୋବର !!!

+ କୁଞ୍ଜବିହାରୀ ଲେନ, କଟକ

### ମହାନ୍ ପୁରୁଷ ଧ୍ରୁବ ଚରଣ ବେହେରା

ସାହିତ୍ୟର ତମେ ସୁ ଦକ୍ଷ ବିନ୍ଧାଣି
ଉତ୍କଳର ଶ୍ରେଷ୍ଠ ମଣି
ତୁମ ବଳିଦାନ ସମାଜ ସଂସ୍କାରେ
ବଳିଷ୍ଠ ଅମର ମଣି ॥
ଭୁଲି ନିଜ ସୁଖ ପର ଉପକାରେ
ଜୀବନର ଯାତ୍ରୀ ହୋଇ
ଗରିବଙ୍କ ଓଠେ ହସ ଦେଖୁଥିଲ
ବନ୍ୟା ବିପନ୍ନରେ ରହି ॥
ଭୋକିଲା ପେଟକୁ ଆହାର ଯୋଗାଇ
ବାଣ୍ଟି ଦେଉଥିଲ ହସ
ହେ ପୂଜ୍ୟ ମହାତ୍ମା ତୁମ ତ୍ୟାଗ ପଣ
କଳିଙ୍ଗର ଲାଗି ଯଶ ॥
ହେ ମହା ମାନବ ମହାନ୍ ପୁରୁଷ
ଶିକ୍ଷାଶ୍ରମ ପ୍ରତିଷ୍ଠାତା
ବନ ବିଦ୍ୟାଳୟ ମନ୍ଦିର ନୀଳୟ
ତୁମେ ତା ଭାଗ୍ୟ ବିଦାତା ॥
ମଣିଷ ତିଆରି କାରଖାନା ଗଢ଼ି
ବାଣ୍ଟିଥିଲ ଯେଉଁ ଜ୍ଞାନ
ଉତ୍କଳ ଭୂମିରେ ଶିକ୍ଷାର ପ୍ରସାରେ
ଯୁଗ ପାଇଁ ସେ ଅମ୍ଲାନ ॥
ଦେଶ ଜାତି ଲାଗି ବନ୍ଦୀ କାରାଗାରେ
ବିତାଇ ଥିଲ ଜୀବନ
ମାତୃଭୂମି ପ୍ରେମ ରକ୍ତରେ ତୁମର
ହେଉଥିଲା ପ୍ରବାହନ ॥
ସମାଜ ସେବକ ହେ ଜନ ନାୟକ
ଦାର୍ଶନିକ ସୁ ଲେଖକ
ତୁମ ପୁଣ୍ୟ ତିଥି ଅମରତ୍ୱ ରଖି
ଜଗତେ ରଖିଛ ଟେକ ॥
ଲକ୍ଷେ ହୀରା ସମ ଜ୍ୟୋତିର୍ମୟ ତୁମେ
କର୍ମ ପଥେ ମହାରଥୀ
କଳିଙ୍ଗ ମାଟିରେ ତୁମେ ମହନୀୟ
ଅକ୍ଷୟ ଗାରିମା ଜ୍ୟୋତି ॥
ତୁମ ଜନ୍ମଦିନ ମନେ ପଡ଼ିଗଲେ
ଶାନ୍ତ ସେବା ଗୁଣ ଗାଏ
ପବିତ୍ର ତିଥିରେ ଘେନ ଆମ ପୂଜା
ସ୍ୱର୍ଗ ପୁରେ ତୁମେ ରହି ॥
ତୁମରି ଜ୍ଞାନର ସେବା ଧର୍ମ ପଥେ
ଦେଖାଅ ଆମକୁ ବାଟ
ହେ ଉତ୍କଳ ମଣି କର ଆର୍ଶୀବାଦ
ଯୋଡୁ ତୁମ ପଦେ ହସ୍ତ ॥

+ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ
ଝାଡ଼ଖଣ୍ଡ
ମୋ: ୮୩୨୮୯୩୦୫୫୪

# ଉତ୍କଳର ଅମୂଲ୍ୟ ରତ୍ନ ଗୋଦାବରୀଶ

ଅକ୍ଷୟ ପଣ୍ଡା

ସେ ଥିଲେ ଶବ୍ଦର ଯାଦୁଗର । ଭାଷାର ଶ୍ରେଷ୍ଠ କାରୀଗର । କାଗଜର ସଫେଦ ପିଠିପରେ କୁହୁକର ଲେଖନିରେ ଲେଖି ଥିଲେ ମଣିଷର ମନ କଥା । କେହି କେବେ ପାରିବେନି ଭୁଲି ତାଙ୍କ ପ୍ରାଣସ୍ପର୍ଶୀ କବିତା । ଦିନ ନୁହେଁ ମାସ ନୁହେଁ ଆଜକୁ ଚଉଷଠୀ ବର୍ଷ ହେଲା ବୋଧେ ଆଉ କେହି ଦେଖି ନଥିବେ । ତାଙ୍କ ହସ ହସ ମୁହଁ । ଆକାଶର ଛାତ ତଳେ ମାଟିର ଅଗଣାରେ ମିଶି ଗଲାଣି ତାଙ୍କର ମର ଶରୀର । ତଥାପି ସେ ବଞ୍ଚି ରହିଛନ୍ତି ଗ୍ରାମ୍ୟ ଲଳନାର ମଧୁର କଣ୍ଠରେ ।

"ଭଲ କରି ନାଆ ବୁହାରେ ନାଉରୀ
ଝିଅକୁ ମାଡୁଛି ଡ଼ର
ଗଡ଼େ ଗଡ଼ ଲୋକ ଚାହିଁ ବସି ଥିବେ
ଝିଅ ଯିବ ଶାଶୁ ଘର ।"

ସେ ମହାନ ସାରସ୍ୱତ ସାଧକ ଆଉ କେହି ନୁହେଁ । ଶ୍ରୀ ଜଗନ୍ନାଥ ଧାମର ଗାଥା କବି ଗୋଦାବରୀଶ ମିଶ୍ର । ଯିଏ ଏକା ଧାରରେ ଥିଲେ କବି, ଦାର୍ଶନିକ, ସ୍ୱାଧିନତା ସଂଗ୍ରାମୀ, ସମାଜ ସଂସ୍କାରକ । ଆଉ ସର୍ବପରି ମଣିଷ ଗଢା କାରଖାନାର ନୀପୁଣ ବିନ୍ଧାଣୀ । ଡ଼କ୍ଟର ଗୋଦାବରିଶ ମିଶ୍ର ଖୋର୍ଦ୍ଧା ଜିଲ୍ଲା ବାଣପୁର ଶାସନରେ ୨୬ ଅକ୍ଟୋବର ୧୮୮୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଥିଲା ଅପସ୍ୱରା ଦେବୀ ।

ସେ ତାଙ୍କ ବାଲ୍ୟ କାଳର ଶିକ୍ଷା ଗ୍ରାମ୍ୟ ପାଠଶାଳାରେ ଶେଷ କରି ପୁରୀ ଜିଲ୍ଲା ସ୍କୁଲରେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ । ତା ପରେ ଓଡ଼ିଶାର ସୁପ୍ରସିଦ୍ଧ ରେଭେନସା କଲେଜରୁ ଦର୍ଶନ ଶାସ୍ତ୍ରରେ ବିଏ ପାସ୍ କରିଥିଲେ । ମନରୁ ତାଙ୍କର ଲିଭି ନଥିଲା ଜ୍ଞାନର ଲାଳଶା । ସେ ପରବର୍ତ୍ତୀ ସମୟରେ କଲିକତା ବିଶ୍ୱ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିଲେ । ସେଠାରୁ ସେ ଅର୍ଥନୀତିରେ ଏମ.ଏ କରିଥିଲେ ।

ସେ ସରକାରୀ ଉଚ୍ଚ ପଦପଦବୀକୁ ପ୍ରତ୍ୟାଖାନ କରି ଶିକ୍ଷକତାକୁ ଆଦରି ନେଇ ଥିଲେ । ହସି ହସି ଆପଣେଇ ନେଇ ଥିଲେ ଦୁଃଖ କଷ୍ଟ ଯନ୍ତ୍ରଣାକୁ । ଏହାର ମୁଖ୍ୟ କାରଣ ଥିଲା ତାଙ୍କର ସମାଜ ଗଢିବାର ନିଶା । ସେଥିରେ ସେ ସ୍ୱଇଚ୍ଛାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ରୁ ୧୯୧୯ ପର୍ଯ୍ୟନ୍ତ ଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ଉତ୍କଳ ମଣି ଗୋପବନ୍ଧୁଙ୍କର ଇଚ୍ଛା ଥିଲା ସୁଦୂର ସିଂହ ଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ହେଉ । ସେହି ମହତ ଉଦ୍ଦେଶ୍ୟ ପୁରଣାର୍ଥେ ଗୋଦାବରୀଶଙ୍କୁ ବଛା ଯାଇଥିଲା । ଅନୁନତକୁ ଉନ୍ନତ କରିବା ଅଶିକ୍ଷିତକୁ ଶିକ୍ଷିତ କରି ସମାଜର ଅର୍ଥନୈତିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ତାଙ୍କର ଥିଲା । ତେଣୁ ସେ ଅତି ଆନନ୍ଦରେ ଏକ ମତ ହେଲେ । ଚକ୍ରଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କଲେ । ଏହା ଛଡ଼ା ୧୯୨୧ ମସିହାରେ ସେ ସିଂହ ଭୂମି ଓ ତତ୍‌ସଲଗ୍ନ ଅଞ୍ଚଳ ମାନଙ୍କରେ ଅସହଯୋଗ ଆନ୍ଦୋଳନ ପାଇଁ ଲୋକ ମାନଙ୍କୁ ଉତ୍ସାହିତ କରୁଥିଲେ । ସେ ଇଂରେଜ ମାନଙ୍କର କୁଶାସନର ଘୋର ବିରୋଧି ଥିଲେ ।

ଓଡ଼ିଶାର ସମ୍ବାଦ ପତ୍ର "ସମାଜ" ର କର୍ମକର୍ତ୍ତାଙ୍କ ଆମନ୍ତ୍ରଣ କ୍ରମେ ସେ ତାର ସମ୍ପାଦନାର ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୩୭ ମସିହାରୁ ୧୯୫୬ ମସିହା ଯାଏ ଓଡ଼ିଶାର ରାଜନୀତିରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଗୋଦାବରିଶ ମିଶ୍ର ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରୀ ମଣ୍ଡଳରେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ ।

ସମୃଦ୍ଧ ଓଡ଼ିଶା ଗଠନ କରିବାର ବାସ୍ତବ ରୁପରେଖ ସେ ପ୍ରଦାନ କରିଥିଲେ । ଉତ୍କଳ ବିଶ୍ୱ ବିଦ୍ୟାଳୟ, କଟକ ହାଇକୋର୍ଟ, ପୁରୀ, ବାଲେଶ୍ୱର ଓ ସମ୍ବଲପୁରର ଅନେକ କଲେଜ ପ୍ରତିଷ୍ଠା କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସ୍ୱର୍ଗତ ମିଶ୍ର ରାଜନୈତିକ ଜୀବନ ଆରମ୍ଭରେ ସେ କଂଗ୍ରେସ ଦଳରୁ । ମତାନ୍ତର ଓ ମନାନ୍ତର ଯୋଗୁଁ ସେ କଂଗ୍ରେସ ଦଳ ତ୍ୟାଗ କରି ଥିଲେ । ୧୯୩୯ ମସିହାରେ ଗୋଦାବରୀଶ ମିଶ୍ର ଫରୱାର୍ଡ଼ ବ୍ଲକରେ ଯୋଗ ଦେଇ ଥିଲେ ।

ସେ ଜଣେ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ମନରେ ଅନ୍ୟ ପ୍ରତି ତିଳେ ମାତ୍ର ଘୃଣା ଭାବ ନଥିଲା । ସେ ଜାତି ପ୍ରଥାକୁ କଠୋର ରୂପେ ବିରୋଧ କରୁ ଥିଲେ । ସେ ଘୃଣା କରୁଥିଲେ ଅନ୍ୟାୟ, ଅତ୍ୟାଚାର ଓ ଅସତ କର୍ଯ୍ୟକୁ । ଆଉ ଭଲ ପାଉଥିଲେ ମଣିଷ ଓ ମଣିଷ ପଣିଆକୁ ।

ତାଙ୍କର ଚିନ୍ତାଧାର ଅତି ଉଚ୍ଚ ମାନର ଥିଲା । ସେ ଭଲ ପାଉଥିଲେ ଆମ ମାଟି, ପାଣି ପବନକୁ । ଅତି ନିକଟରୁ ସେ ଜାଣି ଥିଲେ ଆମ କଳା, ସାହିତ୍ୟ ଓ ସଂସ୍କୃତିକୁ । ମନର ଭାବନାକୁ ଶବ୍ଦରେ ରୂପ ଦେବାକୁ ତାଙ୍କ ପାଖରେ ଥିଲା ଭାଷା, ଭାବ, ପରିପ୍ରକାଶ କରିବାର ଅପୂର୍ବ କଳା ଶୈଳୀ । ଅତି ସରଳ, ସୁନ୍ଦର ଓ ମନୋଲୋଭା ଭାଷାରେ ସେ ଗାଥା କବିତା ରଚନା କରିଥିଲେ । ତାଙ୍କର ଗାଥା କବିତା ସଂକଳନ ଗୁଡ଼ିକ ହେଲା ଅଲେଖିକା, କୁସୁମ, କଳିକା, ଚଳନିକା, ଗୀତାୟନ, ଗୀତଗୁଚ୍ଛ ଓ କବିତାୟନ । ଗାଥା କବିତା ଗୁଡ଼ିକ ହେଲା କାଳୀଜାଇ, ଅଭିରାମ ସିଂହ ଓ ଧରଣୀ ଧର ।

ଏହା ଛଡ଼ା ତାଙ୍କ ଦ୍ୱାରା ରଚିତ ନାଟକ ଗୁଡିକ ଜନମାନସରେ ବିଶେଷ ଆଦୃତ ହୋଇଥିଲା । ସେ ଦୁଇଟି ହେଲା ପୁରୁଷୋତ୍ତମ ଦେବ, ମୁକୁନ୍ଦ ଦେବ । ପଟାନ୍ତର, ଅଭାଗିନୀ, ଅଠରଶହ ସତର ଓ ନିର୍ବାଶିତ ଉପନ୍ୟାସର ଆଦି ତାଙ୍କର ଅମ୍ଳାନ କୃତୀ । ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ ପାଇଁ ୧୯୬୧ ମସିହାରେ ମରଣୋତ୍ତର ଭାବେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ମିଶ୍ର ଇଂରାଜୀ ଖବର କାଗଜ ରବସ୍ୱପ୍ନ ମଙ୍ଗସ୍ୱପ୍ନ ପାଇଁ ଲେଖା ଲେଖୁ ଥିଲେ । ସେହି ସମ୍ବାଦ ପତ୍ରଟି ଶଶୀ ଭୁଷଣ ରଥଙ୍କ ଦ୍ୱାରା ପ୍ରକାଶିତ ହେଉଥିଲା । କଥାରେ କହନ୍ତି

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ ।"

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ମର ଶରୀର ୨୬ ଜୁଲାଇ ୧୯୫୬ ମସିହାରେ ମାଟି ମା ଅଗଣାରେ ମିଶି ଯାଇଥିଲା । ହେଲେ ତାଙ୍କର ଅମ୍ଳାନ କିର୍ତ୍ତୀ ସବୁ ଦିନ ପାଇଁ ମଣିଷ ସମାଜକୁ ଦିଗ୍‌ଦର୍ଶନ ଦେଉ ଥିବ ।

ସେ ଅଗାଧ ଜ୍ଞାନର ଅଧିକାରୀ ଥିଲେ ମଧ୍ୟ ଗୋଦାବରୀଶଙ୍କ ମନରେ ତିଳେ ହେଲେ ଗର୍ବ ନଥିଲା । ସେ ନିଜର ପାର୍ଥୀବ ଭୋଗ ବିଳାଶକୁ ତ୍ୟାଗ କରି ସମାଜର ହିତ ପାଇଁ କାମ କରିଥିଲେ । ତାଙ୍କ ପରି ରାଜନୈତିକ ନେତା ମିଳିବା ବିରଳ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଶୁଭ ଜୟନ୍ତୀ ଅବସରରେ ଆମେ ଶତ ଶତ ପ୍ରଣାମ ଜଣାଉଛି । ଆଶା କରୁଛି ସାରା ଦେଶ ବାସୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ । ନିଜର ହିତକୁ ପଛରେ ପକାଇ ମାନବ ସମାଜର ହିତ ପାଇଁ କାର୍ଯ୍ୟ କରନ୍ତୁ ।

ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭

# ଧୈର୍ଯ୍ୟରେ ଆଗୁଆ ମହିଳା

ଫିନ୍‌ଲ୍ୟାଣ୍ଡର ଗବେଷକସମୂହ ବିଶ୍ୱର ପ୍ରମୁଖ ରାଷ୍ଟ୍ରର ୩୦ ହଜାରରୁ ଅଧିକ ଲୋକଙ୍କୁ ସାମିଲ କରି ଏକ ଗବେଷଣା କରିଥିଲେ । ୯ବର୍ଷ ଅନୁଧ୍ୟାନ କରିବା ପରେ ସେମାନେ ନିଜ ମତାମତ ପ୍ରକାଶ କରିଛନ୍ତି । ଉଭୟ ପୁରୁଷ ଓ ମହିଳା ଏଥିରେ ସାମିଲ ଥିଲେ । ୨୦ ବର୍ଷ ବୟସରୁ ୬୦ ବର୍ଷ ବୟସର ଲୋକ ଅନ୍ତର୍ଗତ ଥିବାବେଳେ ପାରିବାରିକ ସମ୍ପର୍କକୁ ନେଇ ହିଁ ଅନୁଧ୍ୟାନ କରାଯାଇଥିଲା ।



■ ବିଶେଷଜ୍ଞଙ୍କ ମତରେ ମହିଳାମାନେ ବେଶ୍ ଭାବୁକ । ବିଭିନ୍ନ ପରିସ୍ଥିତିରେ କଷ୍ଟ ହେବା ସତ୍ତ୍ୱେ ନିଜ ପରିବାର ପାଇଁ ଏମାନେ ଦୃଢ ପଦକ୍ଷେପ ନେବାକୁ ଅ।ଦୌ ପଛାଇନଥାନ୍ତି ।

■ ଅନ୍ୟପାଖେ ୩୦-୪୦ ବର୍ଷ ବୟସର ମହିଳାମାନେ ହିଁ ନିଜ ଲୋକଙ୍କ ଠାରୁ ଅଧିକାଂଶ ସମୟରେ ଧୋକା ପାଇଥାନ୍ତି । ନିଜ ବୁଦ୍ଧିରେ ମହିଳାମାନେ ପରିବାର ସଜାଡିବାକୁ ଯଥାସାଧ ଚେଷ୍ଟା କରି ବିଫଳ ହେବା ପରେ ଶେଷରେ ଆତ୍ମହତ୍ୟାକୁ ହିଁ ସମାଧାନ ବୋଲି ଗ୍ରହଣ କରିନେଇଥାନ୍ତି ।

■ ଗବେଷକଙ୍କ ମତରେ ୯୦% ମହିଳାଙ୍କ ମତ ଯେ ସେମାନେ ସ୍ୱାମୀଙ୍କ ସମସ୍ତ ଜିଦ୍, ଭୁଲ ନିଷ୍ପତ୍ତିକୁ ଗ୍ରହଣ କରିନିଅନ୍ତି, ହେଲେ ପରକୀୟା ପ୍ରୀତିକୁ କୌଣସି ବର୍ଗର ମହିଳା ସହଜରେ କ୍ଷମା କରିପାରନ୍ତିନାହିଁ । ଏ କ୍ଷେତ୍ରରେ ମଧ୍ୟ ସେମାନେ ନିଜର ପରାକାଷ୍ଠା ଦେଖାନ୍ତି, ବାରମ୍ବାର ବିଫଳ ହେବା ପରେ ଅନ୍ୟତ୍ର ଚାଲିଯିବାର ମହିଳାମାନେ ଦୃଢ ନିଷ୍ପତ୍ତି ନେଉଥିବାର ବିଭିନ୍ନ ଘଟଣାରେ ଦେଖାଯାଇଛି ।

# ଦେହକୁ ହିତ କଦଳୀ

ଉପାଦେୟ ଏବଂ ସ୍ୱାଦିଷ୍ଟ ଫଳ ମଧ୍ୟରୁ କଦଳୀ ଅନ୍ୟତମ । ସବୁ ବୟସର ଲୋକଙ୍କ ପାଇଁ ଏହା ଉପାଦେୟ ଖାଦ୍ୟ । ଏହା ବଳବର୍ଦ୍ଧକ, ସ୍ୱାସ୍ଥ୍ୟ ଓ ତ୍ୱଚାରକ୍ଷକ । ଏହାର ବୈଶିଷ୍ଟ୍ୟ ହେଲା ଏହା କ୍ଷୁଧା ନିବାରକ । ଏଥିରେ କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ୍, ପୋଟାସିୟମ ପରି ଖଣିଜ ସହ ଭିଟାମିନ-ବି ୬ ଏବଂ ଶରୀର ପାଇଁ ଆବଶ୍ୟକ ହେଉଥିବା କାର୍ବୋହାଇଡ୍ରେଟ, ଫାଇବର, ରେଜିଷ୍ଟାଣ୍ଟ ଷ୍ଟାର୍ଚ ପିର ବହୁ ମହତ୍ତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ରହିଥାଏ । ପ୍ରତିଦିନ ଗୋଟିଏ ଲେଖାଏଁ କଦଳୀ ଖାଉଥିବା ବ୍ୟକ୍ତି ସହଜର ବେମାର ହୁଅନ୍ତି ନାହିଁ ବୋଲି କୁହାଯାଏ ।

## ଫାଇଦା

୧. ରୋଗୀମାନଙ୍କ ପାଇଁ ଏହା ଏକ ଉତ୍ତମ ଆହାର ।
୨. କଦଳୀରେ ଥିବା ଫାଇବର ପାଚନ ତନ୍ତ୍ରକୁ ଠିକ୍ କରେ । ଫଳରେ ଖାଦ୍ୟ ଭଲ ଭାବରେ ହଜମ ହୁଏ ।
୩. ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାର କ୍ଷମତା କଦଳୀର ଅଛି । ଏଥିରେ ଥିବା ପୋଟାସିୟମ ରକ୍ତବାହିକା ମାଧ୍ୟମରେ ରକ୍ତ ପ୍ରବାହର ଗତିକୁ ହ୍ରାସ କରିବାରେ ସହାୟକ ହୁଏ ।
୪. ହୃଦ୍‌ରୋଗୀମାନଙ୍କ ପାଇଁ କଦଳୀ ଅତ୍ୟନ୍ତ ଉପକାରୀ । ହୃଦ୍‌ଘାତ ଆଶଙ୍କା ହ୍ରାସ କରେ ।
୫. କଦଳୀରେ ଥିବା ମ୍ୟାଗ୍ନେସିୟମ ହାଡର ବିକାଶରେ ସାହାଯ୍ୟ କରେ ଏବଂ ତାକୁ ମଜଭୁତ କରେ ।
୬. ସୁସ୍ଥ ମସ୍ତିଷ୍କ ପାଇଁ ଭିଟାମିନ-ବି ୬ ଅତ୍ୟନ୍ତ ଜରୁରୀ । ଏହା କଦଳୀରେ ଥାଏ ।
୭. ହିମୋଗ୍ଲୋବିନ ମାତ୍ରା ବଢାଏ ଏବଂ ରକ୍ତହୀନତା ଦୂର କରେ ।
୮. ଏଥିରେ ଥିବା ଆମିନୋଏସିଡ ଚାପ ହ୍ରାସ କରେ ।

# ନିଦକୁ ନେଇ ଭ୍ରମ

ଏକ ସୁସ୍ଥ ଶରୀର ଲାଗି ଖାଦ୍ୟ, ପାଣି ଏବଂ ଶାରୀରିକ କାର୍ଯ୍ୟକଳାପ ସହ ପର୍ଯ୍ୟାପ୍ତ ନିଦ ନିହାତି ଜରୁରୀ । ନିଦର ଅଭାବ ମଣିଷର ମାନସିକତାକୁ ପ୍ରଭାବିତ କରିପାରେ । ବେଳେବେଳେ ଦୀର୍ଘଦିନ ଧରି ଠିକ୍ ଭାବେ ନିଦ ନହେବା ହୃଦ୍‌ଘାତ, ମଧୁମେହ, ମେଦବହୁଳତା, ଏପରିକି ଅକାଳ ମୃତ୍ୟୁର କାରଣ ହୋଇଥାଏ । ନିଦକୁ-ନେଇ ଅନେକଙ୍କ ମନରେ କେତେକ ଭ୍ରାନ୍ତ ଧାରଣା ରହିଛି । ଏହାକୁ ତୁରନ୍ତ ଦୂରେଇଦେବା ଉଚିତ ।



**କେଇଘଣ୍ଟା ଶୋଇପଡିଲେ ଯଥେଷ୍ଟ:**

ବ୍ୟକ୍ତିଙ୍କ ବୟସ ଅନୁସାରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଆବଶ୍ୟକ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମଣିଷ ୭ରୁ ୯ଘଣ୍ଟା ଶୋଇବା ଜରୁରୀ ହୋଇଥାଏ । ପର୍ଯ୍ୟାପ୍ତ ନିଦ ଓ ବିଶ୍ରାମ ଶରୀରର ମାଂସପେଶୀକୁ ମରାମତି କରିବା ସହ ଶକ୍ତି ଯୋଗାଇବା ଏବଂ ମସ୍ତିଷ୍କ ଶାନ୍ତ ରଖିବାରେ ସହାୟକ ହୋଇଥାଏ । ଏହା ମଧ୍ୟ ସଠିକ୍ ନିଷ୍ପତ୍ତି ନେବାରେ ମସ୍ତିଷ୍କକୁ ସହାୟତା କରେ ତଥା ଶରୀରର ରୋଗପ୍ରତିରୋଧକ ବ୍ୟବସ୍ଥା ସୁସ୍ଥ ରଖେ । ତେଣୁ ଶାରୀରିକ ଏବଂ ମାନସିକ ସୁସ୍ଥତା ଲାଗି ଅତି କମ୍‌ରେ ୭ରୁ ୯ ଘଣ୍ଟା ଶୋଇବା ଜରୁରୀ ।

***ଅନିଦ୍ରା କିଛି ବଡ କଥା ନୁହେଁ:***

ଅନେକେ ଭାବନ୍ତି, ଯଦି କେହି ସହଜରେ ଶୋଇପାରୁ ନଥାନ୍ତି ବା ଅନିଦ୍ରାର ଶିକାର ହୋଇଥାନ୍ତି, ତେବେ ଏହା କିଛି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ । ଅସଲରେ ଅନିଦ୍ରା ବା ଇନ୍‌ସୋମ୍‌ନିଆ ତଥା ଏହାର କାରଣ ପୀଡିତ ବ୍ୟକ୍ତିଙ୍କ ଜୀବନଶୈଳୀକୁ ପ୍ରଭାବିତ କରିପାରେ । କାର୍ଯ୍ୟକ୍ଷେତ୍ରରେ ଏଥିରେ ଆକ୍ରାନ୍ତ ବ୍ୟକ୍ତି ସଠିକ୍ ପ୍ରଦର୍ଶନ କରି ନପାରିବା ସହ ନିଦୁଆ ରହିଥାନ୍ତି ଏବଂ ତାଙ୍କ ମୁଡ୍ ପ୍ରାୟତଃ ଖରାପ ରହିଥାଏ । ତେଣୁ ନିଦ ସଂକ୍ରାନ୍ତ କୌଣସି ସମସ୍ୟା ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

***ଛୁଟି ଦିନରେ ନିଦ ପୂରଣ:***

କିଛି ଲୋକ କାର୍ଯ୍ୟବ୍ୟସ୍ତତା ଯୋଗୁ ଶୋଇବାକୁ ଖୁବ୍ କମ୍ ସମୟ ପାଇଥାନ୍ତି । ତେଣୁ ସେମାନଙ୍କ ନିଦ ପୂରଣ ହୁଏନାହିଁ । ସପ୍ତାହାନ୍ତ କିମ୍ବା ଛୁଟିଦିନରେ ଶୋଇ ସେମାନେ ଏହି ବଳକା ନିଦ ପୂରଣ କରିଦେବେ ବୋଲି ଭାବନ୍ତି । ଯଦିଓ ଛୁଟିଦିନରେ ଅଧିକ ସମୟ ପର୍ଯ୍ୟନ୍ତ ଶୋଇବା ସତେଜ ଅନୁଭବ କରାଏ, ତେବେ ଏହା ମାତ୍ର କିଛି ସମୟ ପାଇଁ । ତେଣୁ ପ୍ରତ୍ୟେକ ରାତିରେ ପର୍ଯ୍ୟପ୍ତ ସମୟ ଶୋଇବାକୁ ଚେଷ୍ଟା କରନ୍ତୁ । ନିୟମିତ ସ୍ଲିପ୍ ଟ୍ରାକ୍ (ଶୋଇବା ଶୈଳୀ)କୁ ଫେରିବା ଲାଗି କିଛି ଦିନ ଛୁଟିରେ ଯାଇପାରିବେ । କିଛି ସମୟ ବିଛଣାରେ ପଡିଯିବା ହିଁ ନିଦ: ପର୍ଯ୍ୟାପ୍ତ ବିଶ୍ରାମ ନିଦର ବିକଳ୍ପ ହୋଇପାରେ ବୋଲି ଭାବିବା ଭୁଲ୍ । ଚେଇଁ ରହିଥିବା ଅପେକ୍ଷା ଶୋଇଥିବା ସମୟରେ ମସ୍ତିଷ୍କ, ଫୁସ୍‌ଫୁସ୍ ଭଳି ଶରୀରର ଅନ୍ୟ ସମସ୍ତ ଅଙ୍ଗ ଆରାମ କରନ୍ତି ଏବଂ ନିଜର ଚିରାଚରିତ କାର୍ଯ୍ୟଠାରୁ ପୃଥକ କାର୍ଯ୍ୟ କରି ଶରୀରକୁ ପରବର୍ତ୍ତୀ ସମୟ ପାଇଁ ଶକ୍ତି ଯୋଗାଇଥାନ୍ତି । ମଣିଷ କେବଳ ବିଶ୍ରାମ ନେବା ବାହାନାରେ ଚେଇଁ ରହିଲେ ଏସବୁ ଅଙ୍ଗ ମଧ୍ୟ ଜାଗ୍ରତ ଥା'ନ୍ତି । ତେଣୁ ଏମାନଙ୍କୁ ବିଶ୍ରାମ ମିଳିପାରେ ନାହିଁ ।

**ଶୋଇବା ପାଇଁ ଦିନ - ରାତିରେ ଫରକ୍ ନାହିଁ:**

ଯେଉଁମାନେ ଶୀଘ୍ର ଶୋଇପଡନ୍ତି, ସେମାନେ ପ୍ରକୃତରେ ଭଲରେ ଶୋଇପାରନ୍ତି ବୋଲି ଅନେକଙ୍କର ବିଶ୍ୱାସ । ଅସଲରେ, ଏହାଦ୍ୱାରା ସେମାନେ ପର୍ଯ୍ୟାପ୍ତ ନିଦ ପାଆନ୍ତି ନାହିଁ । ସେହିପରି ରାତି ସିଫ୍ଟରେ କାମ କରୁଥିବା ବ୍ୟକ୍ତି ସକାଳେ କିମ୍ବା ଦ୍ୱିପ୍ରହର ସମୟରେ ଶୋଇଲେ ମଧ୍ୟ ସାର୍କାଡିଆନ୍ ରିଦ୍‌ମ ଡିସିଙ୍କ୍ରୋନାଇଜେସନ୍ ପରି ଲକ୍ଷଣ ଏବଂ ଖରାପ ନିଦର ଶିକାର ହୋଇପାରନ୍ତି । ଏହା ମଧ୍ୟ ଅବସାଦ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ ।

# ସବୁଠୁ ତତଲା ଆଣ୍ଟାର୍କଟିକା

ଆର୍ଜେଣ୍ଟିନା ରିସର୍ଚ୍ଚ ବେସ୍ : ଜଳବାୟୁ ପରିବର୍ତ୍ତନର ଅନବରତ ଚାପରେ ସର୍ବାଧିକ ପ୍ରଭାବିତ ହେଉଛି ସମ୍ବେଦନଶୀଳ ମେରୁ ଅଞ୍ଚଳ । ମେରୁ ଅଞ୍ଚଳରେ ଲଗାତର ବଢୁଥିବା ତାପମାତ୍ରା ସମଗ୍ର ଜୀବଜଗତ ପ୍ରତି ଘନେଇବାରେ ଲାଗିଛି ବିପଦ । ଆଣ୍ଟାର୍କଟିକାରେ ୪ ବର୍ଷର ରେକର୍ଡ ଭାଙ୍ଗିଛି ତାପମାତ୍ରା । ଆର୍ଜେଣ୍ଟିନା ରିସର୍ଚ୍ଚ ବେସ୍ ପକ୍ଷରୁ ମେରୁ ଅଞ୍ଚଳରେ ଗତ ଗୁରୁବାର ସର୍ବାଧିକ ତାପମାତ୍ରା ୧୮.୩ ଡିଗ୍ରୀ ରେକର୍ଡ କରାଯାଇଛି । ଜେନିଭାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାର୍ଲ୍ଡ ମେଟିଓରୋଲୋଜିକାଲ ଅର୍ଗାନାଇଜେଶନର ପ୍ରବକ୍ତା କ୍ଲେୟର ନାଲିସ କହିଛନ୍ତି, ଆଣ୍ଟାର୍କଟିକାର ତାପମାତ୍ରା ବଢିବାରେ ଲାଗିଛି । ଏହା ଅନୁଭବ ହେଉଛି । ହେଲେ ସଦ୍ୟତମ ରେକର୍ଡ କରାଯାଇଥିବା ତାପମାତ୍ରା ଖରାଦିନକୁ ବି ବଳିଯାଇଛି । କ୍ଲେୟର ଆହୁରି ମଧ୍ୟ କହିଛନ୍ତି, ଆଣ୍ଟାର୍କଟିକାର ତାପମାତ୍ରା ଗତ ୫୦% ବର୍ଷରେ ହାରାହାରି ୩ ଡିଗ୍ରୀ ବଢିଛି । ଏହି କାରଣରୁ ୮୭% ଗ୍ଲେସିୟର ତରଳିବା ଆରମ୍ଭ କରିଛି । ଗତ ୧୨ ବର୍ଷରେ ଏହି ପ୍ରକ୍ରିୟା ଅଧିକ କ୍ଷିପ୍ର ହୋଇଛି । ଏହାର କାରଣ ଜଳବାୟୁ ପରିବର୍ତ୍ତନ । ତରଳୁଥିବା ବରଫ କାରଣରୁ ଚଳିତ ଶତାବ୍ଦୀର ଶେଷ ଆଡକୁ ସମୁଦ୍ରର ଜଳସ୍ତର ୧୦ ଫୁଟଯାଏ ବୃଦ୍ଧି ପାଇବ ।

# ଖାଲି ପେଟରେ ଖାଆନ୍ତୁନି ଏହି ଖାଦ୍ୟ

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଖାଇବାକୁ କାହାପାଖରେ ବି ସମୟ ରହୁନି । ସକାଳ ସମୟରେ ଅଫିସ୍ ହେଉ କିମ୍ବା କୌଣସି କାମରେ ଯିବା ପାଇଁ ତରତର ହୋଇ ଆମେ କିଛି ବି ଖାଇ ଦେଇଥାଉ । ତେବେ ଆପଣଙ୍କର ଏହି ଖରାପ ଅଭ୍ୟାସ ସ୍ୱାସ୍ଥ୍ୟ ଉପରେ ଭାରି ପଡିପାରେ । ବିଶେଷଜ୍ଞମାନଙ୍କ ଅନୁଯାୟୀ କେତେକ ଖାଦ୍ୟ ଖାଲିପେଟରେ ଖାଇବା ଉଚିତ୍ ନୁହେଁ । ଆସନ୍ତୁ ଜାଣିବା ଏମିତି କେତେକ ଖାଦ୍ୟ ସମ୍ପର୍କରେ, ଯାହାକୁ ଖାଲି ପେଟରେ ଖାଇବା ଆଦୌ ଉଚିତ୍ ନୁହେଁ ।

## ମସଲା ଯୁକ୍ତ ଖାଦ୍ୟ

ସକାଳୁ ଜଳଖିଆରେ କେବେବି ମସଲାଯୁକ୍ତ ତଥା ରାଗଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏହାଦ୍ୱାରା ଦିନସାରା ପେଟର ଅମ୍ଳ ସୃଷ୍ଟି ହୋଇଥାଏ । ଏହା ଅଲ୍‌ସର୍‌ର କାରଣ ମଧ୍ୟ ହୋଇପାରେ ।





## ଖଟା ଫଳ

ଖାଲିପେଟରେ ଖଟା ଫଳ ଖାଇବା ଉଚିତ ନୁହେଁ । ଖାଲି ପେଟରେ କମଳା, ଲେମ୍ବୁ, ପିଜୁଳି ଭଳି ଖଟା ଫଳ ଖାଇବା ଉଚିତ ନୁହେଁ । ଏହାଦ୍ୱାରା ପେଟରେ ଅମ୍ଳ ସୃଷ୍ଟି ହୁଏ । ଏଥିରୁ ଆପଣଙ୍କୁ ଫାଇବର ନିଶ୍ଚିତ ଭାବେ ମିଳିବ । କିନ୍ତୁ ଆପଣଙ୍କ ହଜମ ଶକ୍ତି ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏସବୁ ଖଟା ଫଳକୁ ଖାଲି ପେଟରେ ନଖାଇ ପରେ ଖାଆନ୍ତୁ ।



## କଫି

ଖାଲି ପେଟରେ କଫି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିପାରେ । ଏହାଯୋଗୁଁ ଏସିଡିଟି ହେବାର ସମ୍ଭାବନା ରହିଛି । ତେଣୁ ଖାଲି ପେଟରେ ଏହିସବୁ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।



## ମୃଦୁ ପାନୀୟ

ମୃଦୁ ପାନୀୟ ବିଶେଷ କରି ଥଣ୍ଡା ପାନୀୟ ଖାଲି ପେଟରେ ପିଅନ୍ତୁ ନାହିଁ । ଏଥିରେ ପ୍ରଚୁର ମାତ୍ରାରେ କାର୍ବୋନେଟ୍ ଏସିଡ୍ ରହିଛି । ଏହା ପେଟରେ ଥିବା ଏସିଡ୍ ସହିତ ମିଶ୍ରିତ ହୋଇ ସମସ୍ୟା ସୃଷ୍ଟି କରେ । ଏଥିସହିତ ଗ୍ୟାସ୍ ଏବଂ ବାନ୍ତି ହେବାର ସମ୍ଭାବନା ମଧ୍ୟ ରହିଛି । ଖାଲି ପେଟରେ କୋଲ୍ଡ କଫି, ବିୟର ପିଅନ୍ତୁ ନାହିଁ । ଏହାଦ୍ୱାରା ପେଟରେ ଥିବା ଖାଦ୍ୟ ହଜମ ହେବାରେ ସହାୟତା କରୁଥିବା ନଳୀକୁ କ୍ଷତି ପହଞ୍ଚିଥାଏ । ଖାଲି ପେଟରେ ଥଣ୍ଡା ପାନୀୟ ପିଇବା ଦ୍ୱାରା ହଜମ ଶକ୍ତି ହ୍ରାସ ପାଏ ।

# ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧନା ତଥା ପୁରସ୍କାର ପ୍ରଦାନ ଉତ୍ସବ

## ସୁବ୍ରତ କୁମାର ଆଚାର୍ଯ୍ୟଙ୍କୁ 'ବୈଜ୍ଞାନିକ ଉତ୍କର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର'

ଭୁବନେଶ୍ୱର,୨୧।୧୦ (ନି.ପ୍ର): ଭୁବନେଶ୍ୱରସ୍ଥିତ ଏଡୁସାଟ୍ ଷ୍ଟୁଡିଓ, ଓରସାକ୍ କମ୍ପ୍ଲେକ୍ସଠାରେ ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ବିଜ୍ଞାନ ଏକାଡେମୀ କର୍ତ୍ତୃକ ୨୦୧୮ ମସିହା ପାଇଁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ଏକାଡେମୀର ସଭାପତି ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଜ୍ଞାନିକମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ । ପ୍ରଫେସର ଶଙ୍କର ପ୍ରସାଦ ପତି ଏବଂ ପ୍ରଫେସର ସୁଦର୍ଶନ ନନ୍ଦଙ୍କୁ ମାନପତ୍ର ଏବଂ ଉତରୀୟ ଦେଇ ବରିଷ୍ଠ ବୈଜ୍ଞାନିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର (ଡାକ୍ତର) ସୁବ୍ରତ କୁମାର ଆଚାର୍ଯ୍ୟଙ୍କୁ 'ବୈଜ୍ଞାନିକ ଉତ୍କର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର' (ପୁରସ୍କାର ରାଶି : ଦୁଇ ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ପ୍ରଲେପ ରୌପ୍ୟ ପଦକ, ମାନପତ୍ର, ପ୍ରମାଣପତ୍ର ଓ ଉତରୀୟ) ପ୍ରଦାନ କରାଯାଇଥିଲା । ସେହିପରି ଡାକ୍ତର ସଂଘମିତ୍ରା ପତି, ପ୍ରଫେସର (ଡ.) ପ୍ରମିଳା କୁମାରୀ ମିଶ୍ର, ପ୍ରଫେସର (ଡ.) ସଂଜୟ କୁମାର ଦାଶ ଏବଂ ଡ. ସ୍ୱରୂପ କୁମାର ପରିଡ଼ାଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' (ପୁରସ୍କାର ରାଶି :ପ୍ରତ୍ୟେକଙ୍କୁ ଏକ ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ପ୍ରଲେପ ରୌପ୍ୟ ପଦକ, ମାନପତ୍ର, ପ୍ରମାଣପତ୍ର ଓ ଉତରୀୟ) ପ୍ରଦାନ କରାଯାଇଥିଲା । ଡ. ସନ୍ଦୀପ କୁମାର ପଣ୍ଡା, ଡ. ସୁଧନ୍ୱା ପାତ୍ର, ଡ. ଶଙ୍କର୍ଷଣ ମହାପାତ୍ର ଏବଂ ଡ. କୌଶିକ ପରିଡ଼ାଙ୍କୁ 'ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର' (ପୁରସ୍କାର ରାଶି : ପ୍ରତ୍ୟେକଙ୍କୁ ପଚିଶ ହଜାର ଟଙ୍କା, ମାନପତ୍ର, ପ୍ରମାଣପତ୍ର ଓ ଉତରୀୟ) ପ୍ରଦାନ ସହିତ ଡ. ରାଜବଲ୍ଲଭ ମହାନ୍ତି ଏବଂ ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କୁ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନପୁସ୍ତକ ପୁରସ୍କାର' (ପୁରସ୍କାର ରାଶି : ପ୍ରତ୍ୟେକଙ୍କୁ ପଚିଶ ହଜାର ଟଙ୍କା, ମାନପତ୍ର, ପ୍ରମାଣପତ୍ର ଓ ଉତରୀୟ) ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ବିଜ୍ଞାନ ଓ ବୈଷୟିକ ବିଭାଗର ପ୍ରମୁଖ ଶାସନ ସଚିବ ସନ୍ତୋଷ କୁମାର ଷଡଙ୍ଗୀ ସମ୍ମାନନୀୟ ଅତିଥି ରୂପେ ଯୋଗଦେଇଥିଲେ । ଏକାଡେମୀର ସଂପାଦକ ଇଂ. ଭଗତ ଚରଣ ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟା କ୍ଷୟକ୍ଷତି ତାଲିକାରେ ଫଂଚକତା ଓ ପୁନଃ ତଦନ୍ତ ପାଇଁ ଦାବି

କେନ୍ଦ୍ରାପଡା,୨୧।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଅଳପୁଆ ପଂଚାୟତର ଅଳପୁଆ ଓ ଦାମୋଦର ପାଟଣା ଗ୍ରାମରେ ହୋଇଥିବା ବନ୍ୟା କ୍ଷୟକ୍ଷତିର ପୁନଃ ଆକଳନ ପାଇଁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି । ଚଳିତ ବର୍ଷ ଅଗଷ୍ଟ ମାସରେ ବ୍ରାହ୍ମଣୀ ଓ କାଣୀ ନଦୀରେ ପ୍ରଳୟଙ୍କାରୀ ବନ୍ୟା ଆସି ପଂଚାୟତର ବ୍ୟାପକ କ୍ଷତି ଘଟାଇଛି । ଏହି ପଂଚାୟତର ବହୁ ଘର ଭାଙ୍ଗି ଯାଇଥିଲେ ମଧ ସରକାରୀ ତାଲିକାରେ ସେହି ବ୍ୟକ୍ତିମାନଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ । କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତିରେ ପ୍ରିୟାପ୍ରୀତି ତୋଷଣ କରାଯାଇ ଥିବାରୁ ପୁନଃ ତଦନ୍ତ କରାଯାଇ ନୂଆ ତାଲିକା ପ୍ରସ୍ତୁତ କରିବା ପାଇଁ ଗ୍ରାମର ରମାକାନ୍ତ ବିହାରୀ, ଶ୍ରୀଧର ସେଠୀ, ଗଣେଶ୍ୱର ଜେନା, ସାବିତ୍ରୀ ମଲିକ, ସୁଧାରାଣୀ ମଲିକ, ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ ଦାବି ଜଣାଇଛନ୍ତି ।

# ୧୫ ତାରିଖ ବସ୍ ଦୁର୍ଘଟଣାରେ ଆହତ ଛାତ୍ରଛାତ୍ରୀ ଆସନ୍ତା ୨୨ ତାରିଖରେ ଓଜେଇଇ ପରୀକ୍ଷା ଦେଇପାରିବେ

ପାରଳାଖେମୁଣ୍ଡି,୨୧।୧୦ (ନି.ପ୍ର): ଗଜପତି ଜିଲ୍ଲା ଅନ୍ତର୍ଗତ ଚାନ୍ଦିପୁଟ, ରାମଗିରି, ଚନ୍ଦ୍ରଗିରି ଅଂଚଳର ୪୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଓଜେଇଇ ପରୀକ୍ଷା ଦେବାକୁ ଯାଉଥିବା ଏକ ବସ୍ ଗଞ୍ଜାମ ଜିଲ୍ଲାର ତପ୍ତପାଣି ଘାଟି ନିକଟସ୍ଥ ପାଲୁଖୋଳା ଗ୍ରାମ ନିକଟରେ ଗତ ୧୫ ତାରିଖ ଦିନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଅଂଚଳବାସୀ ତଥା ପ୍ରଶାସନର ସହଯୋଗରେ ଦୁର୍ଘଟଣାରେ ଆହତ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ନିକଟସ୍ଥ ଦିଗପହଣ୍ଡି ତଥା ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଦୁର୍ଘଟଣାଗ୍ରସ୍ତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଜେଇଇ ଚ୍ୟାୟାରମ୍ୟାନଙ୍କୁ ପୁର୍ନବାର ଛାତ୍ରଛାତ୍ରୀଙ୍କ ପରୀକ୍ଷା କରିବା ପାଇଁ ଅନୁରୋଧ କରିଥିଲେ । ଓଜେଇଇ ଚ୍ୟାୟାରମ୍ୟାନ, ଗଜପତି ଜିଲ୍ଲାପାଳ ଅନୁପମ୍ ସାହାଙ୍କ ଅନୁରୋଧ କ୍ରମେ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆସନ୍ତା ୨୨ ତାରିଖ ଦିନ ଓଜେଇଇ ପରୀକ୍ଷା ପୁର୍ନବାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଛାତ୍ରଛାତ୍ରୀ ମାନେ ଜିଲ୍ଲାର ନୋଡ଼ାଲ ଅଫିସର ତଥା ପଲିଟେକ୍ନିକ ଅଧକ୍ଷଙ୍କୁ ମୋବାଇଲ୍ ନଂ ୮୭୬୩୬୮୭୮୪୮ ରେ ଯୋଗାଯୋଗ କରି ନିର୍ଦ୍ଧାରିତ ତାରିଖରେ ଓଜେଇଇ ପରୀକ୍ଷା ଦେବାକୁ ଜିଲ୍ଲାପାଳ ଶ୍ରୀ ସାହା ଏକ ପ୍ରେସ୍ ବିଜ୍ଞପ୍ତି ଯୋଗେ ଅବଗତ କରିଛନ୍ତି ।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ଜଳଭଣ୍ଡାରରୁ ଜଳ ନିଷ୍କାସନ ଜାରୀ

ଗଞ୍ଜାମ,୨୧।୧୦ (ନି.ପ୍ର): ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଜଳଭଣ୍ଡାରରୁ ୬ଟି ଗେଟ୍ ଖୋଲାଯାଇଛି । ଏହା ଦୁଇ ଦିନ ପାଇଁ ଖୋଲା ରହିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବାରୁ ଏହା ଦେଖି ଲୋକ ମାନେ ଆଗକୁ ପରିସ୍ଥିତି ସାଙ୍ଘାତିକ ହେବ ବୋଲି ସନ୍ଦେହ ପ୍ରକାଶ କରିବା ସହ ଭୟଭିତ ହୋଇପଡିଛନ୍ତି । ବିଭିନ୍ନ ନଦୀ ଓ ଜଳଭଣ୍ଡାରର ସ୍ଥିତି ମଧ ଆକଳନ କରିଛି ଜିଲ୍ଲା ପ୍ରଶାସନ । ଅନ୍ୟାନ୍ୟ ଜଳଭଣ୍ଡାରରୁ ଜଳ ନିଷ୍କାସନ ବ୍ୟବସ୍ଥା ମଧ କରାଯାଉଛି । ଭଞ୍ଜନଗର ସମେତ ଡ଼ହ, ସୋରଡ଼ା ଓ ବାଘୁଆ ଜଳଭଣ୍ଡାରରୁ ଏବେ ଆଗୁଆ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଜଳ ନିଷ୍କାସନ ଆରମ୍ଭ ହୋଇଛି । କନ୍ଧମାଳ ଜିଲ୍ଲାରେ ବର୍ଷାର ପରିମାଣ ବଢିଲେ ଜଳ ଭଣ୍ଡାରର ଜଳ ସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି । ପ୍ରତିଶେଧାତ୍ମକ ପଦକ୍ଷେପ ସ୍ୱରୂପ ଦୁଇଦିନ ଧରି ଜଳ ନିଷ୍କାସନ ବ୍ୟବସ୍ଥା ଆରମ୍ଭ ହୋଇଛି । ଭଞ୍ଜନଗର ଜଳଭଣ୍ଡାରରୁ ୬ଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୮.୫୦ କ୍ୟୁମେକ୍ସ ଜଳ ଛଡାଯାଉଥିବା ବେଳେ ଡ଼ହ ଜଳ ଭଣ୍ଡାରର ଚାରୋଟି ସ୍ଲୁଇସ୍ ଗେଟ୍ ଦେଇ ୧୦.୬୫ କ୍ୟୁମେକ୍ସ ଜଳ ନିଷ୍କାସନ ହେଉଛି । ସେହିପରି ବାଘୁଆ ଜଳଭଣ୍ଡାରରୁ ୬ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଥିବା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ନିହାର ରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି ।

# ଫିକି ସହ ଏମଓୟୁ ସ୍ୱାକ୍ଷର କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୧।୧୦ (ନି.ପ୍ର): ମଙ୍ଗଳବାର ଦିନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଇପିକଲ୍ ଓ ଫିକି ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ କହିଥିଲେ ଯେ ଆସନ୍ତା ମେକ୍ ଇନ୍ ଓଡିଶା ସଂସ୍କରଣରେ ନିବେଶ ପ୍ରୋତ୍ସାହନରେ ଫିକି ଜାତୀୟ ଅଂଶୀଦାର ରହିବ । ଇପିକଲର ଅଧ୍ୟକ୍ଷ ଏନ ବି ଜଓ୍ୱାଲେ ଭୁବନେଶ୍ୱର ଠାରେ ଏବଂ ଫିକିର ସାଧାରଣ ସମ୍ପାଦକ ଅରୁଣ ଚାଓ୍ୱଲା ଦିଲ୍ଲୀ ଠାରେ ଏହି ଏମଓୟୁ ରେ ସ୍ୱାକ୍ଷର କରିଥିଲେ ।

# ଦେଓ ମଧ୍ୟମ ସେଚ ପ୍ରକଳ୍ପ ପ୍ରସଙ୍ଗ : ବିସ୍ଥାପିତଙ୍କ ଥଇଥାନ ପାଇଁ ପଂଚାୟତ ପ୍ରତିନିଧିଙ୍କ ସହଯୋଗ ଆବଶ୍ୟକ



ବାରିପଦା,୨୧।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ପାଂଚପୀଢ ଉପଖଣ୍ଡର ଏକମାତ୍ର ପ୍ରସ୍ତାବିତ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଦୀର୍ଘ ୨୮ ବର୍ଷରୁ ଉର୍ଦ୍ଧ କାଳ ବିତିଯାଇଥିଲେ ମଧ୍ୟ ଶେଷ ହୋଇ ପାରୁନାହିଁ । ଏଥିପାଇଁ ନିକଟ ଅତୀତରେରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବିନିତ ଭରଦ୍ୱାଜଙ୍କ ନିର୍ଦ୍ଦେଶ କ୍ରମେ ଗତ୧୯ ତାରିଖଦିନ ପାଂଚପୀଢ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ପଂଚାୟତିରାଜ ପ୍ରତିନିଧି ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ଡକ୍ଟର ରଜନିକାନ୍ତ ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବୁଡି ଓ ଆଂଶିକ ବୁଡି ଅଂଚଳର ସରପଂଚ, ସମିତିସଭ୍ୟ, ଓାର୍ଡ ସଭ୍ୟ ମାନେ ଯୋଗ ଦେଇଥିଲେ । ଏହି ବନ୍ଧନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଥିବାବେଳେ ଆସନ୍ତା ଚାଷ ଋତୁରେ ପାଣି ଛଡାଯିବା ପାଇଁ ନିଷ୍ପତି ନିଆଯାଇଛି । ଏଣୁ ବିସ୍ଥାପିତ ମାନଙ୍କ ଥଇଥାନ ଅତ୍ୟନ୍ତ ଆବଶ୍ୟକ ହୋଇଛି ଏବଂ ଏହି ଥଇଥାନ କାର୍ଯ୍ୟରେ ପଂଚାୟତ ପ୍ରତିନିଧି ମାନଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏଥିରେ ଦେଓ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ବାଦଲ କୁମାର ସାହୁ, ଦେଓ ନିର୍ବାହୀ ଯନ୍ତ୍ରୀ ଇଂ ଅନିଲ କୁମାର ପାଣିଗ୍ରାହି, ସ୍ୱତନ୍ତ୍ର ଭୁ-ଅର୍ଜନ ଓ ଥଇଥାନ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ନାୟକ, କରିଆ ବି.ଡି.ଓ. ଡକ୍ଟର ଶିବାଷିଶ ବରାଳ, ତହସିଲଦାର ତାପସ ରନ ଦେହୁରୀ,ଥାନା ପ୍ରତିନିଧି ଏସ.ଆଇ. ସତ୍ୟ ନାରାୟଣ କାଲୋ ଏବଂ ସାମ୍ବାଦିକ ମାନେ ଯୋଗଦେଥିଲେ । ନିର୍ବାହୀଯନ୍ତ୍ରୀ ଇଂ ପାଣିଗ୍ରାହି, ପ୍ରକଳ୍ପର ଅଗ୍ରଗତି ଏବଂ ବିସ୍ଥାପିତ ମାନଙ୍କ ଥଇଥାନ ଉପରେ ସୂଚନା ପ୍ରଦାନ କରିଥିଲେ ତଥା ପଂଚାୟତ ପ୍ରତିନିଧି ମାନେ ମତ ବିନିମୟ କରିଥିଲେ । କରଞ୍ଜିଆ ବ୍ଲକ୍ ଅଧୀନ ହାତୀବାରି, ପାଟ୍ଟୁଳିଡିହି, ପାଉଦିଆ, ବାଟପଳସା, ଚାଂଚବଣି, ବିଶିପୁର ଓ ଠାକୁରମୁଣ୍ଡା ବ୍ଲକ୍‌ର ସୁନାରିପୋଷି ଠାରେ ଅଧୀକୃତ ଜମିରେ ବିସ୍ଥାପିତ ମାନେ ଘର ତିଆରି କରିପାରିବେ ବୋଲି ସ୍ୱତନ୍ତ୍ର ଭୁ ଅର୍ଜନ, ବିସ୍ଥାପନ ଓ ଥଇଥାନ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଥିଲେ । ତେବେ ଦୀର୍ଘ ବର୍ଷଧରି ଏହି ପ୍ରକଳ୍ପ କାର୍ଯ୍ୟକାରୀକୁ ଚାତକ ଭଳି ଚାହିଁ ବସିଥିବା ଚାଷୀ ମାନଙ୍କ ଆଶା ପୁରଣ କେବେ ହେବ_ ତାହା ଦେଖିବାକୁ ବାକି ରହିଲା ।

# ବୁଲା ଗାଈଗୋରୁଙ୍କ ଉପରେ ରେଡିୟମ ବେଲ୍ଟ ଓ ଷ୍ଟିକର

ନୂଆପଡା,୨୧।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଠାରେ ଜିଲ୍ଲା ଗୋ ସୁରକ୍ଷା ସମିତି, ବଜରଙ୍ଗ ସେନା ଓ ଖଡିଆଳ ସଚେତନ ନାଗରିକ ମାନେ ମିଳିତ ରୂପେ ବୁଲା ଗାଈଗୋରୁଙ୍କ ଉପରେ ରେଡିୟମ ବେଲ୍ଟ ସହ ଷ୍ଟିକର ଲଗାଇଛନ୍ତି । ଖଡିଆଳ ସହରର ୩୫୩ ନଂ ଜାତୀୟ ରାଜପଥରେ ଅନେକ ବୁଲା ଗାଈଗୋରୁ ରହୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାରରେ ପଡି ଅନେକ ଗାଈଗୋରୁଙ୍କର ଜୀବନ ଚାଲି ଯାଉଛି । ଗାଈଗୋରୁଙ୍କ ବେକରେ ରେଡିସମ ବେଲ୍ଟ ବାନ୍ଧିବା ସହ ସେମାନଙ୍କ ଶିଙ୍ଗରେ ରେଡିୟମ ଷ୍ଟିକର ଲଗାଇଛନ୍ତି । ଯଦ୍ୱାରା ଆଗାମୀ ଦିନରେ ଗାଈଗୋରୁଙ୍କ ରେଡିୟମ ବେଲ୍ଟ ଓ ଷ୍ଟିକର ଦ୍ୱାରା ରାଜପଥରେ ଯାନବାହାନ ଯାତାୟତ ବେଳେ ଆଲୋକିତ ଦେଖାଦେବ । ଫଳରେ ଯାନବାହାନ ଚାଳକ ମାନେ ସତର୍କତା ସହ ଗାଡି ଚଲାଇବେ । ଯାହାଦ୍ୱାରା ଦୁର୍ଘଟଣା ଘଟିବାର ସମ୍ଭାବନା କମ ରହିଥିବା ସୂଚନା ମିଳିଛି । ଏନେଇ ସୋମବାର ରାତ୍ରରେ ଶତାଧିକ ଗାଈଗୋରୁଙ୍କ ଉପରେ ଷ୍ଟିକର ଓ ବେଲ୍ଟ ଲଗାଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲା ଗୋ ସୁରକ୍ଷା ସମିତି, ବଜରଙ୍ଗ ସେନା ଓ ଖଡିଆଳ ସଚେତନ ନାଗରିକଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଗୁରୁପଦ ନନ୍ଦଙ୍କ ବିୟୋଗରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଶୋକ

ଭୁବନେଶ୍ୱର,୨୧।୧୦ (ନି.ପ୍ର): ବିଶିଷ୍ଟ କଂଗ୍ରେସ ନେତା ଶ୍ରୀ ଗୁରୁପଦ ନନ୍ଦଙ୍କର ଅକାଳ ବିୟୋଗରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖା ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଗଭୀର ଶୋକ ପ୍ରକାଶ କରିଛନ୍ତି । ଜଣେ ଯୁବ କଂଗ୍ରେସ ନେତା, ସରକାରୀ ଦଳର ମୁଖ୍ୟ ସଚେତକ ଭାବରେ ସେ ସାରା ରାଜ୍ୟରେ ବେଶ୍ ଜଣାଶୁଣା ଥିଲେ । ତାଙ୍କର ଅକାଳ ବିୟୋଗରେ କଂଗ୍ରେସ ଦଳର ଏକ ଅପୂରଣୀୟ କ୍ଷତି ହେଲା ବୋଲି ଡକ୍ଟର ଖୁଂଟିଆ ଏକ ଶୋକ ବାର୍ତାରେ କହିଛନ୍ତି ଏବଂ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମୌଳିକ କର୍ତ୍ତବ୍ୟ ସମ୍ପର୍କିତ ଆଇନ୍ ସଚେତନତା ଶିବିର

ମାଲକାନଗିରି,୨୧।୧୦ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ଆନୁକୂଲ୍ୟରେ ଆଜି ଅନ୍ ଲାଇନ୍ ମାଧ୍ୟମରେ ଭାରତୀୟ ସମ୍ବିଧାନ ମୌଳିକ କର୍ତବ୍ୟ ସମ୍ପର୍କିତ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ବିଚାରପତି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ଶ୍ରୀ ଅମରେଶ ନାୟକ, ଅଧାପକ ତଥା ତାଲିମପ୍ରାପ୍ତ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଡାଃ. ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଅନ୍ ଲାଇନ୍ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ସଚିବ ଅମରେଶ ନାୟକ ଏବଂ ଅଧାପକ ଡାଃ. ରଞ୍ଜନ କୁମାର ସ୍ୱାଇଁ ଅନ୍ ଲାଇନ୍ ମାଧ୍ୟମରେ ସାମ୍ବିଧାନିକ କର୍ତବ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ସଚେତନତା କରିଥିଲେ । ସେହିପରି ମହିଳାଙ୍କ ସମ୍ପତିଗତ ଅଧିକାର, ସାମ୍ବିଧାନିକ ଅଧିକାର, ଭରଣପୋଷଣ ଆଇନ୍ ଭଳି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଶେଷରେ ଆଇନ ସେବା ପ୍ରାଧିକରଣର ସଚିବ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ସଚେତନତା କରିବା ସଙ୍ଗେ ସଙ୍ଗେ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନ ସେବା, ମଧସ୍ଥତା ଓ ଆପୋଷ ମିଳାମିଶା ମାଧମରେ ମାମଲାର ସମାଧାନ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏଥି ସହିତ ବର୍ତମାନ ସମୟରେ କରୋନା ମହାମାରୀରୁ କିପରି ନିଜକୁ ସୁରକ୍ଷିତ ରଖିପାରିବା ତାହା ଉପରେ ସଂକ୍ଷେପରେ ଆଲୋକପାତ କରିଥିଲେ । କୋଭିଡ୍ - ୧୯ କଟକଣା ଯୋଗୁଁ ସରକାରଙ୍କ ଦ୍ୱାରା ପ୍ରଦତ ସାମାଜିକ ଦୂରତା ଓ ସୁରକ୍ଷା ସମ୍ପର୍କିତ ନିୟମାବଳୀକୁ ଆଖି ଆଗରେ ରଖି ଏହି କାର୍ଯ୍ୟକ୍ରମ ଅନ୍ ଲାଇନ୍ (ୟୁ-ଟ୍ୟୁବ ଲିଙ୍କ୍) ମାଧ୍ୟମରେ ମାଲକାନଗିରି ଜିଲ୍ଲାରେ ଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ତଥା ଅନ୍ୟମାନଙ୍କୁ ସଂଶ୍ଳିଷ୍ଟ କରାଯାଇ ସଚେତନତା କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏହି କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ଆଇନ୍ ସଚେତନତାମୂଳକ କାର୍ଯ୍ୟକ୍ରମ ଜନ ସାଧାରଣ ଆଇନ୍ ସେବା ପ୍ରାଧିକରଣର ୟୁ-ଟ୍ୟୁବ୍ ଚ୍ୟାନେଲ୍ ଲିଙ୍କ୍ -ଦିଶା ମାଲକାନଗିରି କ୍ଲିକ୍ କରି ମଧ ଦେଖିପାରିବେ ବୋଲି ସୂଚନା ଦିଆଯାଇଛି ।

# ଦଳିତଙ୍କ ସୁରକ୍ଷା ପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,୨୧।୧୦ (ନି.ପ୍ର): ଜିଲ୍ଲା କଂଗ୍ରେସର ଅନୁସୂଚିତ ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାଡା ଜିଲ୍ଲାପାଳ ସମର୍ଥ ର୍ମାଙ୍କ ଜରିଆରେ ପ୍ରଦାନ କରାଯାଇଛି । ବିଭାଗର ଜିଲ୍ଲା ସଭାପତି ସର୍ବେଶ୍ୱର ସେଠୀଙ୍କ ନେତୃତ୍ୱରେ ମହେନ୍ଦ୍ର କୁମାର ପରିଡା, ବସନ୍ତ କୁମାର ସେଠୀ, ଈଶ୍ୱର ମଲିକ ଓ ହରିଶ କୁମାର ସେଠୀ ପ୍ରମୁଖ କର୍ମକର୍ତା ମାନେ ମଙ୍ଗଳବାର ଲିଖିତ ଦାବିପତ୍ର ପ୍ରଦାନ କରି ସତ୍ୟବାଦୀର ଦଳିତ ମହିଳା ସୁକାନ୍ତି ଭୋଇଙ୍କୁ ନ୍ୟାୟ ପ୍ରଦାନ କରିବା ସହ ସତ୍ୟବାଦୀର ଚିକିତ୍ସକ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳର ସୁକାନ୍ତି ଭୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତି ହୋଇଥିଲେ ମଧ ସେଠାକାର ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀ ମାନେ ତାଙ୍କୁ ଉପଯୁକ୍ତ ଚିକିତ୍ସା ନକରି ଦଳିତ ମହିଳା ଭାବେ ମାନସିକ ନିର୍ଯ୍ୟାତନା ଦେଇଛନ୍ତି । ଏହା ସହ ରାଜ୍ୟରେ ବଢି ଚାଲିଥିବା ଦଳିତ ନିର୍ଯ୍ୟାତନା ଘଟଣା ରୋକିବାରେ ରାଜ୍ୟ ସରକାର ଚରମ ଅବହେଳା ପ୍ରଦର୍ଶନ କରୁଥିବାରୁ ବିଭାଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି ।

# ବିଦ୍ୟାଳୟରେ ଶୌଚାଳୟ ଓ ପାଇଖାନା ତିଆରି ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଶିକ୍ଷୟତ୍ରୀ

କେନ୍ଦ୍ରାପଡା,୨୧।୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ପଂଚାୟତରେ ଥିବା ବାଳିକା ବିଦ୍ୟାଳୟ ରେ ଛାତ୍ରୀ ଓ କର୍ମଚାରୀଙ୍କ ପାଇଁ କୌଣସି ଶୌଚାଳୟ ଓ ପାଇଖାନା ନଥିବାରୁ ଶିକ୍ଷୟତ୍ରୀ ମାନେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ଶୌଚାଳୟ ଓ ପାଇଖାନା ନିର୍ମାଣ କରିବାକୁ ଦାବି କରିଛନ୍ତି । ଗତ ଫନି ବାତ୍ୟାରେ ବିଦ୍ୟାଳୟରେ ଥିବା ଶୌଚାଳୟ ଓ ପାଇଖାନା ନଷ୍ଟହୋଇ ଯାଇ ଥିବାରୁ ତାହାର ପୁନଃ ନିର୍ମାଣ କରାଯାଇ ନାହିଁ । ଛାତ୍ରୀ ଓ ଶିକ୍ଷୟତ୍ରୀ ମାନେ ଆକସ୍ମିକ ଶୌଚ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଲତା ପରିଡାଙ୍କ ସମେତ ଖଗେଶ୍ୱର ମଲ୍ଲ, ବିଜୟରଶ୍ମି ମହାପାତ୍ର, ସରୋଜିନୀ ସ୍ୱାଇଁ, ସାବିତ୍ରୀ ସାମଲ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି ।

# ଗଜପତି ଜିଲ୍ଲାରେ ୩୬୮୦ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି

## ୮ ଚିକିତ୍ସାଧିନ, ୪୯ ହୋମ୍ ଆଇସୋଲେସନରେ

ପାରଳାଖେମୁଣ୍ଡ,୨୧।୧୦ (ନି.ପ୍ର): ଗଜପତି ଜିଲ୍ଲାରେ ଅକ୍ଟୋବର ୧୯ ତାରିଖ ସୁଦ୍ଧା ୬୧,୦୪୧ ଜଣଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି । ତନ୍ମଧ୍ୟରୁ ୬୦,୩୭୮ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି । ଜିଲ୍ଲାରେ ମୋଟ୍ ପଜିଟିଭ୍ କେସ୍ ସଂଖ୍ୟା ୩୭୬୨ ରହିଛି । ୮ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର୍ ସେଂଟରରେ ଚିକିତ୍ସାଧିନ ରହିଛନ୍ତି । ୪୯ ଜଣ ହୋମ୍ ଆଇସୋଲେସନରେ ରହିଛନ୍ତି । ୩୬୮୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ଅନୁରୂପ ଭାବେ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୪ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

# ଆଣ୍ଠୁଏ କାଦୁଅରେ ଚାଲୁଛନ୍ତି ଜମଧର ଗ୍ରାମବାସୀ

କେନ୍ଦ୍ରାପଡା,୨୧।୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଜମଧର ପଂଚାୟତର ଗ୍ରାମ ରାସ୍ତା ଦୀର୍ଘ ୫ବର୍ଷ ହେବ ମରାମତି ହୋଇ ନଥିବାରୁ ଗ୍ରାମବାସୀ ମାନେ ପାଣି କାଦୁଅରେ ଯାତାୟତ କରିବା ସହ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଛୋଟଛୋଟ ପିଲା ଓ ବୟସ୍କ ନାଗରିକ ମାନେ ଏହି କାଦୁଅ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହେବା ଦେଖିବାକୁ ମିଳୁଛି । ଏଥି ସହିତ ବିଭିନ୍ନ ପାଦ ରୋଗ ଓ ଥଣ୍ଡା, ଜ୍ୱର ରୋଗରେ ମଧ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏହାକୁ ନେଇ ଗ୍ରାମବାସୀ ମାନେ ସ୍ଥାନୀୟ ସରପଂଚ, ବିଡିଓ ଙ୍କୁ ଜଣାଇଲେ ମଧ କୌଣସି ପ୍ରତିକାର କରାଯାଉ ନାହିଁ । ଏହି ସମସ୍ୟାର ସମାଧାନ ପାଇଁ ଏହି ରାସ୍ତାକୁ ପକ୍କା ସଡକରେ ପରିଣତ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଚନ୍ତି ।

# ଗୁରୁପଦ ନନ୍ଦଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୨୧।୧୦ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା, ବିଶିଷ୍ଟ ସମବାୟବିତ୍, ପୂର୍ବତନ ରାଉରକେଲା ବିଧାୟକ, ପୂର୍ବତନ କଟକ ଜିଲ୍ଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଗତ କିଛି ଦିନ ଧରି ମହାମାରୀ କରୋନାରେ ପୀଡିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କ ଦେହାନ୍ତ ଖବର ମୋତେ ମର୍ମାହତ କରିଛି । ସ୍ୱର୍ଗତ ନନ୍ଦ ଛାତ୍ର ଜୀବନରୁ ରାଜନୀତି ସହିତ ସଂପୃକ୍ତ ରହିଥିଲେ । ସେ ଜଣେ ସରଳ, ନିଷ୍କପଟ ଓ ପରୋପକାରୀ ବ୍ୟକ୍ତି ଭାବେ ଦୀର୍ଘଦିନ ଧରି କଂଗ୍ରେସ ଦଳର ବିଭିନ୍ନ ପଦ ପଦବୀରେ ରହି କଂଗ୍ରେସ ଦଳକୁ ସୁସଂଗଠିତ କରିବା ପାଇଁ ନିଷ୍ଠାର ସହିତ କାର୍ଯ୍ୟ ସଂପାଦନ କରି ଆସୁଥିଲେ । ସ୍ୱର୍ଗତ ନନ୍ଦ ୧୯୮୦ ମସିହାରେ କଂଗ୍ରେସ ଟିକେଟ୍‌ରୁ ରାଉରକେଲା ବିଧାନସଭା ଆସନରୁ ନିର୍ବାଚିତ ହୋଇ ସରକାରୀ ଦଳର ମୁଖ୍ୟସଚେତକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସ୍ୱର୍ଗତ ନନ୍ଦଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି । ବିଶେଷକରି କଂଗ୍ରେସ ଦଳ ଜଣେ ସୁସଂଗଠକଙ୍କୁ ହରାଇଲା ବୋଲି କହିବା ସହ ସ୍ୱର୍ଗତ ନନ୍ଦଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି ।

# ଗଡିଲା ବାଙ୍ଗିରିପୋଷି-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍

## ଶାରଦୀୟ ଦୁର୍ଗାପୂଜାକୁ ଲକ୍ଷ୍ୟରେ ରଖି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ନିଷ୍ପତି

ବାରିପଦା,୨୧।୧୦ (ନି.ପ୍ର): ଲକଡାଉନ ପାଖରୁ ମୟୂରଭଞ୍ଜ ଜିଲ୍ଲା ତଥା ବାରିପଦାକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ସରକାରୀ ଗାଇଡଲାଇନ ଅନୁଯାୟୀ ବନ୍ଦ ରହିଥିବା ବେଳେ, ବର୍ତମାନ ଶାରଦୀୟ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ପୂଜା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ନିମନ୍ତେ ନିଷ୍ପତି ନିଆଯାଇଛି । ପୂଜା ଅବସରରେ ଅଯଥା ଭିଡକୁ ଏଡାଇବା ଏବଂ ଯାତ୍ରୀ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ବାଙ୍ଗିରିପୋଷି ପୂଜା ସ୍ୱେଶାଲ୍ ଏକ୍ସପ୍ରେସ୍ ଟ୍ରେନ୍ ୨୦ ତାରିଖ ଠାରୁ ଚାଲିବା ଆରମ୍ଭ କରିଛି । ପୂର୍ବରୁ ବାଙ୍ଗିରିପୋଷି - ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନର ଥିବା ସମୟ ସାରଣୀ ଅନୁସାରେ ଟ୍ରେନ୍ ନଂ-୦୨୮୯୨ ଭୁବନେଶ୍ୱରରୁ ଅପରାହ୍ନ ୫.୧୦ ମିନିଟରେ ଛାଡିବାକୁ ଥିବା ବେଳେ ଟ୍ରେନ୍ ନଂ-୦୨୮୯୧ ଆଜିଠାରୁ ପୂର୍ବ ନିର୍ଦ୍ଧାରିତ ସମୟ ସାରଣୀ ହିସାବରେ ସକାଳ ୪.୨୦ ମିନିଟରେ ବାଙ୍ଗିରିପୋଷିରୁ ଛାଡିଥିବାର ଜଣାଯାଇଛି । ବାଙ୍ଗିରିପୋଷିରୁ ଭୁବନେଶ୍ୱର ମଧ୍ୟରେ ପୂର୍ବ ରହଣୀ ଷ୍ଟେସନରେ କେବଳ ହଳଦୀପଦା ଷ୍ଟେସନକୁ ଛାଡି ସବୁଠି ଏହି ସ୍ୱେଶାଲ୍ ଟ୍ରେନ୍ ରହିବ ବୋଲି ଜଣାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଅକ୍ଟୋବର ୨୦ରୁ ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ନିଷ୍ପତି ହୋଇଛି । ତେବେ ଏହି ଟ୍ରେନରେ ସାଧାରଣ ଡବା ରଖାଯାଇ ନାହିଁ । ସବୁ ବଗି ଗୁଡିକ ସଂରକ୍ଷିତ କରାଯାଇଛି । ଏହି ଟ୍ରେନରେ ପୂର୍ବ ଭଳି ମୋଟ ୧୩ଟି ବଗି ରହିଥିବାବେଳେ ବାଙ୍ଗିରିପୋଷିରୁ ଛାଡୁଥିବା ଏହି ଟ୍ରେନରେ ମୁଖ୍ୟତ ବହୁ ସାଧାରଣ ଯାତ୍ରୀ ବିଭିନ୍ନ ଷ୍ଟେସନରୁ କାମ କରିବା ପାଇଁ ବାଲେଶ୍ୱର ସମେତ ଅନ୍ୟ ଜିଲ୍ଲାକୁ ଯାଇଥାନ୍ତି । ମାତ୍ର ଏହି ପୂଜା ସ୍ୱେଶାଲ୍ ଟ୍ରେନରେ ସାଧାରଣ ବଗି ନଥିବାରୁ ସାଧାରଣ ଯାତ୍ରୀ ମାନେ ଯାତ୍ରା କରିପାରିବେ ନାହିଁ । ସେହିଭଳି କରୋନା କଟକଣା ମଧ୍ୟରେ ଯାତ୍ରୀମାନଙ୍କ ସୁରକ୍ଷାକୁ ନେଇ ଷ୍ଟେସନ ପରିସର ଓ ଟ୍ରେନ ଭିତରେ କିଭଳି ବ୍ୟବସ୍ଥା ଗ୍ରହଣ କରାଯିବ ସେନେଇ କୌଣସି ବିଦ୍ଧିବଦ୍ଧ ସୂଚନା ମଧ ମିଳିନାହିଁ । କରୋନା କଟକଣା ପରଠାରୁ ମାର୍ଚ୍ଚ ଶେଷ ଭାଗରୁ ଜିଲ୍ଲାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । କେବଳ ଗୋଟିଏ ଶ୍ରମିକ ସ୍ୱେଶାଲ୍ ଟ୍ରେନ୍ ବାରିପଦା ପର୍ଯ୍ୟନ୍ତ ଚଳାଚଳ କରିଥିଲା । ତେବେ ଏହି ଦୁର୍ଗାପୂଜା ସ୍ୱେସାଲ ଟ୍ରେନ ଚଳାଚଳକୁ ନେଇ ବାରିପଦାରେ ଲୋକେ ବେଶ ଖୁସି ଥିବା ବେଳେ ରେଳଯାତ୍ରାକୁ ନେଇ କେନ୍ଦ୍ର ସରକାର ଜାରୀ କରିଥିବା ଏସ.ଓ.ପି. କୁ କଡାକଡି ପାଳନ କରିବାକୁ ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି ।

# ଦଳୀୟ ପ୍ରାର୍ଥୀ ମାନସଙ୍କ ପାଇଁ ବିଜେପି ରାଜ୍ୟ ସଭାପତିଙ୍କ ପ୍ରଚାର ଜାରି



ବାଲେଶ୍ୱର,୨୧।୧୦ (ନି.ପ୍ର): ଚଳିତ ବାଲେଶ୍ୱର ସଦର ଉପ-ନର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରମୁଖ ଦଳମାନଙ୍କର ହେଭିୱେଟ୍ ନେତାମାନେ ପ୍ରଚାର ଜାରି ରଖିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ପାଇଁ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି। ଆଜି ସେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ସହରର ଫାଣ୍ଡିଛକ ଓ ନୂଆବଜାର ଅଞ୍ଚଳର ବ୍ୟବସାୟୀଙ୍କୁ ସାକ୍ଷାତ ସହ ମାନସଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ବାଲେଶ୍ୱରର ଅର୍ଥନୈତିକ ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ଲୋକାଭିମୁଖୀ ପ୍ରକଳ୍ପ ସମ୍ପର୍କରେ ସେ ଲୋକମାନଙ୍କୁ ସୂଚନା ଦେଇଥିଲେ। ବିଶେଷ କରି ୧୬ ନଂ ଜାତୀୟ ରାଜପଥର ଭଦ୍ରକରୁ ବାଲେଶ୍ୱର ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ କେନ୍ଦ୍ର ସରକାରଙ୍କ ୯୯୯ କୋଟି ଟଙ୍କା ମଞ୍ଜୁର, ହିଡ଼ିଗାଁରେ ଅଶୋଧିତ ତୈଳ ପାଇପ୍ ଲାଇନର ପମ୍ପ ଷ୍ଟେସନ ନିର୍ମାଣ ପ୍ରଭୃତି ସମ୍ପର୍କରେ ଶ୍ରୀ ମହାନ୍ତି ବ୍ୟବସାୟୀମାନଙ୍କୁ କହିଥିଲେ। ଏଥି ସହିତ ସାମ୍ପ୍ରତିକ ସ୍ଥିତିରେ ରାଜ୍ୟ ସରକାରଙ୍କ ଅବହେଳା ତଥା ଅପାରଗତା ପାଇଁ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଦେଖାଦେଇଥିବା ଅରାଜକତା ସମ୍ପର୍କରେ ସେ ପ୍ରକାଶ କରିଥିଲେ। ବିଜେଡି ସରକାରରେ ବୃଦ୍ଧି ପାଇଥିବା ଦୁର୍ନୀତି ଓ ପ୍ରତିଟି ଯୋଜନାରେ ହେଉଥିବା ପାତରଅନ୍ତ ନୀତିରୁ ଉପେକ୍ଷିତ ଲୋକଙ୍କୁ ରକ୍ଷା କରିବା ତଥା ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟକୁ ଆଗେଇନେବା ପାଇଁ ମାନସ କୁମାର ଦତ୍ତଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେବା ପାଇଁ ଶ୍ରୀ ମହାନ୍ତି ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଶୋଭନା ମହାନ୍ତି, ସୁଷମା ବିଶ୍ୱାଳ, ନଗର ସଭାପତି ଚିତ୍ତରଂଜନ ପଣ୍ଡା, ପିଙ୍କି ପ୍ରଧାନ ପ୍ରମୁଖଏହି ପ୍ରଚାର କାର୍ଯ୍ୟ ସହଯୋଗ କରିଥିଲେ।

## ଆଜି ଭଦ୍ରକରୁ ୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୨୧।୧୦ (ନି.ପ୍ର): ଜିଲ୍ଲାରୁ ଆଜି ୬୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୪୧୬ ହୋଇଛି। ଜିଲ୍ଲାରୁ ଆଜି ସୁଦ୍ଧା ମୋଟ ୧ଲକ୍ଷ ୧୦ହଜାର ୮୧୨ ନମୁନା ପରୀକ୍ଷା କରାଯାଇଛି। ଜିଲ୍ଲାରୁ ମୋଟ ୫୯୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ସାରିଛନ୍ତି। ଏବେ ମୋଟ ୪୭୭ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଆଜି ଚିହ୍ନଟ ୬୪ଜଣଙ୍କ ମଧ୍ୟରୁ ବାସୁଦେବପୁର ବ୍ଲକରୁ ୮ଜଣ, ଭଦ୍ରକ ବ୍ଲକରୁ ୧୫ଜଣ, ଭଦ୍ରକ ପୌରପାଳିକାରୁ ୧୧ଜଣ, ବନ୍ତ ବ୍ଲକରୁ ୨ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ୨ଜଣ, ଚାନ୍ଦବାଲି ବ୍ଲକରୁ ୨ଜଣ, ଧାମନଗର ବ୍ଲକରୁ ୧୭ଜଣ, ତିହିଡି ବ୍ଲକରୁ ୬ଜଣ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ବାରିପଦାରେ ସାଇବର ଠକେଇ ବୃଦ୍ଧି : ବ୍ୟାଙ୍କ ଖାତାରୁ କଟିଗଲା ୬୫ହଜାର ଟଙ୍କା, ଏତେଲା ପରେ ତଦନ୍ତ ଜାରି

ବାରିପଦା,୨୧।୧୦ (ନି.ପ୍ର): ଦିନକୁ ଦିନ ବାରିପଦାରେ ସାଇବର ଠକେଇ ବୃଦ୍ଧିପାଉଥିବା ବେଳେ ପୋଲିସ ପାଖରେ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାରେ ଆବଶ୍ୟକୀୟ ଭିତ୍ତିଭୂମୀ ନଥିବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି ସିନା ହେଲେ ଫଳାଫଳ ମିଳିବା ବେଶ କଷ୍ଟସାଧ୍ୟ ହେଉଥିବାର ଦେଖାଯାଉଛି । ବର୍ତ୍ତମାନ କରୋନା କଟକଣାକୁ ନେଇ ଲୋକେ ଅସ୍ତବ୍ୟସ୍ତ ଥିବା ବେଳେ ସାଇବର କ୍ରାଇମ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ଏହିଭଳି ଏକ ଘଟଣା ଘଟିଛି ବାରିପଦା ୧୭ ନମ୍ବର ୱାର୍ଡର ଅରୁଣ କୁମାର ପଟ୍ଟନାୟକଙ୍କ କ୍ଷେତ୍ରରେ । ସୂଚନା ମୁତାବକ ଅରୁଣଙ୍କର ବ୍ୟାଙ୍କ ଅଫ ବରୋଦା ବାରିପଦା ଶାଖାରେ ନଂ୨୯୬୨୦୧୦୦୦୧୨୩୪୮ ନମ୍ବରରେ ଏକ ଆକାଉଂଟ ରହିଛି। ତେବେ ଅରୁଣ ଗାଡିର ଟ୍ୟାକ୍ସ ଦେବା ନିମନ୍ତେ ଗତ ତା୧୩/୧୦/୨୦ ରିଖ ଉକ୍ତ ଆକାଉଂଟରୁ ଡେବିଟ କାର୍ଡ ମାଧ୍ୟମରେ ଟ୩,୪୦୧ଙ୍କା ଟ୍ୟାକ୍ସ ସେକସନରେ ଦାଖଲ କରିଥିଲେ । ଉକ୍ତ ବ୍ୟାଙ୍କ ଏକାଉଂଟରୁ ଟଙ୍କା କଟିଯାଇଥିଲେ ମଧ୍ୟ ଟ୍ୟାକ୍ସ ସେକସନରେ ପହଂଚି ନଥିଲା । ଏଣୁ ସେ ବ୍ୟାଙ୍କ ଅଫ ବରୋଦାରେ ଯାଇ ପରିଚାଳକଙ୍କୁ ଭେଟି ଅଭିଯୋଗ ଦେବା ପରେ ମେନେଜର ଏ ବାବଦରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ବୁଝାବୁଝି କରିବାକୁ କହିଥିଲେ। ଅରୁଣ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଅଭିଯୋଗ କଲାରୁ ସେଠାରେ ବ୍ୟାଙ୍କ ଅଫ ବରୋଦାର କଷ୍ଟମର କେୟାର ନମ୍ବରରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ଅଫ ବରୋଦାର କଷ୍ଟମର କେୟାର ନମ୍ବର ୯୧୧୮୦୦୧୦୨୪୪୫୫ ରେ ଗତ ୧୫ ତାରିଖରେ ଅରୁଣ ଫୋନ କରି ଅଭିଯୋଗ କରିଥିଲେ । ସେହି କଷ୍ଟମର କେୟାର ନମ୍ବରରୁ ୧୭ ତାରିଖ ଦିନ ସଂଧ୍ୟାରେ ଅରୁଣଙ୍କ ଫୋନକୁ ଏକ କଲ ଆସିଲା ଏବଂ ତାଙ୍କୁ ତାଙ୍କର ସମସ୍ୟା ବିଷୟରେ ସମସ୍ତ ଡାଟା ପଚାରିଲା ଓ ଏକାଉଂଟରୁ କଟିଯାଇଥିବା ଟ୩,୪୦୧ଙ୍କା ତୁରନ୍ତ ଫେରସ୍ତ ହେବ କହି ତାଙ୍କୁ ଏକ ଲିଙ୍କ ଦେଲେ ଓ ଲାଇନରେ ରହିବାକୁ କହି ଉକ୍ତ ଲିଙ୍କ ମାଧ୍ୟମରେ ତାଙ୍କର ଫୋନ ନମ୍ବର ଓ ଓଟିପି ମଧ୍ୟ ନେଲେ । ଏହା ବ୍ୟାଙ୍କର କଷ୍ଟମର କେୟାର ନମ୍ବର ହୋଇଥିବାରୁ ଅରୁଣଙ୍କର ସଂଦେହ ହୋଇନଥିଲା । ମାତ୍ର ଏକାଉଂଟକୁ କଟିଥିବା ଅର୍ଥ ଫେରିବା ବଦଳରେ କଲ ଚାଲିଥିବା ବେଳେ ଆଖିପିଛୁଳାକେ ପ୍ରଥମେ ଟ୧,୦୦୧ଟଙ୍କା, ୨ୟ ଥରରେ ଟ୧୪,୦୦୦ଙ୍କା ଓ ଶେଷରେ ଟ୪୯,୯୯୦ଙ୍କା ଏହିପରି ସର୍ବମୋଟ ଟ୬୫,୪୨୫ଟଙ୍କା କଟି ଯାଇଥିଲା ଓ ଏକାଉଂଟ ଫାଙ୍କା ହୋଇ ଯାଇଥିଲା । ଏବାବଦରେ ଅରୁଣ ପୋଲିସରେ ଏତେଲା ଦେବା ପରେ ବାରିପଦା ଟାଉନଥାନା ପୋଲିସ କେସ ନଂ-୭୧୩ ତା ୧୮/୧୦/୨୦୨୦ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାର ଜଣାଯାଇଛି। ତେବେ ମୟୂରଭଞ୍ଜରେ ସାଇବର କ୍ରାଇମକୁ ତଦନ୍ତ କରିବାକୁ ଆବଶ୍ୟକୀୟ ଭିତ୍ତିଭୂମୀର ଅଭାବ ଥିବାରୁ ତଦନ୍ତ କେବେ ସରୁଛି, ଅରୁଣ କେବେ ତାଙ୍କର ଅର୍ଥ ଫେରିପାଉଛନ୍ତି ଏବଂ ଦୋଷୀ କେବେ ଠାବ ହୋଇ ଦଣ୍ଡ ପାଉଛି ତାହା ଦେଖିବାକୁ ବାକି ରହିଲା ।

# ଗୁଣୁପୁର ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟ ସହ ଭର୍ଚୁଆଲ୍ ମୋଡ୍‌ରେ ଏକାଡେମିକ୍ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷର

ଗୁଣୁପୁର,୨୧।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀ ମଧ୍ୟରେ ଭର୍ଚୁଆଲ୍ ମୋଡ୍ ରେ ଏକାଡେମିକ୍ ସହଯୋଗ ପାଇଁ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି କ୍ଷଏହି ଅବସରରେ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଅଫ୍ ଇଣ୍ଡିଆ ସଭାପତି ସି.ଏସ୍ ଆଶିଷ ଗର୍ଗ ଏବଂ ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର ରେଜିଷ୍ଟ୍ରାର ଡ଼. ଏନ.ଭି.ଜେ.ରାଓଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ଗତକାଲି ହୋଇଛି । ଉଭୟ ଆଇସିଏସ୍ଇ ଏବଂ ଜି.ଆଇ.ଇ ଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର ମିଳିତ ହେବା ପାଇଁ ଶୁଭ ଦିନ ଅଟେ ଯାହା ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଏବଂ ଜି.ଆଇ.ଇ ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଘନିଷ୍ଠ ଏକାଡେମିକ୍ ସହଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିବ ବୋଲି ଶ୍ରୀ ଗର୍ଗ ମତବ୍ୟକ୍ତ କରିଥିଲେ । ଜି.ଆଇ.ଇ ଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୌତମ ଘୋଷ ଯୋଗ ଦେଇ କହିଛନ୍ତି ଯେ ଏହି ଚୁକ୍ତି ସ୍ୱାକ୍ଷର ପରସ୍ପରର ଗବେଷଣା ଓ ଅଧ୍ୟାପନାରେ ଅଧିକ ନିକଟତର ହେବା ସହ ସୁସମ୍ପର୍କ ସ୍ଥାପନ କରିବ ଏବଂ ଏହି ସହଯୋଗ ନିଶ୍ଚିତ ଭାବରେ ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପିକା ଏବଂ ସଦସ୍ୟମାନଙ୍କୁ ସାହାଯ୍ୟ କରିବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ସିଏସ୍. ଆଶିଷ ମୋହନ, ସଚିବ, ଆଇ.ସି.ଏସ.ଆଇ, ସିଏସ୍. ପ୍ରିୟଦର୍ଶୀ ନାୟକ, ଅଧ୍ୟକ୍ଷ, ଇ.ଆଇ.ଆର.ସି, ସି.ଏସ୍ .ପ୍ରଭାତ କୁମାର ନାୟକ, ଅଧ୍ୟକ୍ଷ, ଭୁବନେଶ୍ୱର ଅଧ୍ୟାୟ, ପ୍ରଫେସର ଡ. ଏ.ଭି.ଏନ.ଲ ଶର୍ମା, ଡିନ୍, ଏକାଡେମିକ୍ସ, ପ୍ରଫେସର ଡ.ଜେ.ବି.ଭି. ସୁବ୍ରହ୍ମଣ୍ୟମ୍, ଡିନ୍, ଆର .ଆଣ୍ଡ ଡି, ଏବଂ ଡକ୍ଟର ଏସ୍ କେ ଜେନା, ନିର୍ଦ୍ଦେଶକ, ଆଇ.ସି.ଏସ.ଆଇ ପ୍ରମୁଖ ଏହି ଚୁକ୍ତି ସ୍ୱାକ୍ଷର ସମାରୋହରେ ଅଂଶଗ୍ରହଣ କରିଥିଲେ ଏହା ଅବସରରେ ଏକ ନ୍ତଆତ୍ମନିର୍ଭର ଭାରତନ୍ତ ସମ୍ପର୍କୀୟ ଉପରେ ୱେବିନରରେ ବିଚାର ବିମର୍ଶ କରିଥିଲେ।ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀର ସଦସ୍ୟ, ଛାତ୍ର ଏବଂ ଅଧ୍ୟାପକମାନେ ଯୋଗ ଦେଇଥିଲେ ।

# ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକ ଫେଡ଼େରେସନର ବିକ୍ଷୋଭ

ଭୁବନେଶ୍ୱର ,୨୧।୧୦ (ନି.ପ୍ର): ୧୦ ଦଫା ଦାବି ନେଇ ଓଡ଼ିଶା ନିର୍ମାଣ ଶ୍ରମିକ ଫେଡ଼େରେସନ ତରଫରୁ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋଭିଡ୍-୧୯ ସହାୟତା ପାଇନଥିବା ଶ୍ରମିକମାନଙ୍କୁ ୧୫୦୦ ଟଙ୍କା ତୁରନ୍ତ ପ୍ରଦାନ କରିବା ,ପଂଜିକରଣ ପାଇଁ ଆବେଦନ କରିଥିବା ଶ୍ରମିକମାନଙ୍କୁ ପଞ୍ଜିକୃତ କରିବା, ବିଗତ ବର୍ଷରୁ ପଡ଼ିରହିଥିବା ବିଭିନ୍ନ ସହାୟତା ରାଶି ଗୁଡ଼ିକୁ ତୁରନ୍ତ ପ୍ରଦାନ କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା, ବେସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଥିବା ନିର୍ମାଣ ଶ୍ରମିକ ପିଲାମାନଙ୍କୁ ଶିକ୍ଷା ସହାତୟା ରାଶି ପ୍ରଦାନ କରିବା, ଜୀବିତ ନିର୍ମାଣ ଶ୍ରମିକଙ୍କୁ ୬୦ ବର୍ଷ ପରେ ସେହି ଶ୍ରମିକ ପରିବାରର ପିଲାମାନଙ୍କୁ ଶିକ୍ଷା ଓ ବିବାହ ସହାୟତା ରାଶି ପ୍ରଦାନ କରିବା, ସମସ୍ତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନଙ୍କର ସହାୟତା ରାଶି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ କର୍ମଚାରୀ ନିଯୁକ୍ତି, ଏବଂ ଦୁର୍ଘଟଣା ଓ ଦୂରାରୋଗ ଜନିତ ପଡ଼ିରହିଥିବା ଆବେଦନ ପତ୍ରକୁ ଯାଂଚ କରି ତୁରନ୍ତ ସହାୟତା ରାଶି ପ୍ରଦାନ କରିବା ଦାବିରେ ଶ୍ରମ କମିଶନରଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଶ୍ରମ କମିଶନର ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ଆବାହକ ମଣ୍ଡଳୀ ସୁରେଶ ରାଉତରାୟ, ଭାଗରଥି ସେନାପତି, ପଂଚାନନ ମହାରଣା, ପ୍ରମୁଖ ନେଇଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ବିଜୟ ନାୟକଙ୍କ ଗଳ୍ପ ସଂକଳନ 'ଶ୍ରେଷ୍ଠ ଷାଠିଏ' ଉନ୍ମୋଚିତ

ଭୁବନେଶ୍ୱର,୨୧।୧୦ (ନି.ପ୍ର): ବିଶିଷ୍ଟ ଗାଳ୍ପିକ ତଥା ପ୍ରଶାସକ ବିଜୟ ନାୟକଙ୍କ ଦ୍ୱାରା ଲିଖିତ ଗଳ୍ପଗୁଡ଼ିକୁ ନେଇ ପ୍ରସ୍ତୁତ ଗଳ୍ପ ସଂକଳନ 'ଶ୍ରେଷ୍ଠ ଷାଠିଏ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଗାଳ୍ପିକ ଶ୍ରୀ ନାୟକ ନିଜେ ୬୦ ବର୍ଷରେ ପଦାର୍ପଣ କରିଥିବାବେଳେ ତାଙ୍କ ଦ୍ୱାରା ଲିଖିତ ସୁନିର୍ବାଚିତ ୬୦ଟି ଗଳ୍ପକୁ ନେଇ ଏହି ଗଳ୍ପ ସଂକଳନ ପ୍ରକାଶ ପାଇଛି । ରାଜଭବନଠାରେ ଏକ ନିରାଡ଼ମ୍ବର ପରିବେଶ ମଧ୍ୟରେ ଆୟୋଜିତ ହୋଇଥିବା ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ପଦ୍ମଭୂଷଣ ଡ. ଶ୍ରୀ ରମାକାନ୍ତ ରଥ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ୧୯୩୧ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୪୧୮୧

ଭୁବନେଶ୍ୱର,୨୧।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୩୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୪୧୮୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୫୨୧୯୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୦୭୫୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୩୧ ଜଣଙ୍କ ମଧ୍ୟରୁ ୧୧୨୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୨୭୩ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୨୦ , ବାଲେଶ୍ୱର ଜିଲ୍ଲାରେ ୭୩ ଜଣ, ବରଗଡ ଜିଲ୍ଲାରେ ୬୬ , ଭଦ୍ରକ ଜିଲ୍ଲାରେ ୬୪, ବଲାଙ୍ଗିର ଜିଲ୍ଲାରେ ୬୪, ବୌଦ୍ଧ ଜିଲ୍ଲାରେ ୭ ,କଟକ ଜିଲ୍ଲାରେ ୧୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୯. ଢେଙ୍କାନାଳ ଜିଲ୍ଲାରେ ୩୫, ଗଜପତି ଜିଲ୍ଲାରେ ୯, ଗଂଜାମ ଜିଲ୍ଲାରେ ୨୭, ଜଗତସିଂହପୁର ଜିଲ୍ଲାରେ ୭୮, ଯାଜପୁର ଜିଲ୍ଲାରେ ୬୭ . ଝାରସୁଗୁଡା ଜିଲ୍ଲାରେ ୫୬, କଳାହାଣ୍ଡି ଜିଲ୍ଲାରେ ୪୫, କନ୍ଧମାଳ ଜିଲ୍ଲାରେ ୪୬, କେନ୍ଦ୍ରାପଡା ଜିଲ୍ଲାରେ ୬୧ ,କେନ୍ଦୁଝର ଜିଲ୍ଲାରେ ୬୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୨୯ ଜଣ, ମାଲକାନଗିରି ଜିଲ୍ଲାରେ ୩୮, ମୟୁରଭଂଜ ଜିଲ୍ଲାରେ ୯୯, ନବରଙ୍ଗପୁରରେ ୬୨, ନୟାଗଡ ଜିଲ୍ଲାରେ ୨୩, ନୂଆପଡା ଜିଲ୍ଲାରେ ୪୩, ପୁରୀ ଜିଲ୍ଲାରେ ୭୨, ରାୟଗଡା ଜିଲ୍ଲାରେ ୨୫, ସମ୍ବଲପୁର ଜିଲ୍ଲାରେ ୩୭ ,ସୋନପୁର ଜିଲ୍ଲାରେ ୩୦ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୫୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆଜି ଅବପାତରେ...

ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଗଜପତି, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ ଏବଂ ଢେ଼ଙ୍କାନାଳ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ୨୪ ତାରିଖ ମଧ୍ୟରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛିପାଣିପାଗ ବିଭାଗ ।

## ବିହାରୀବାସୀ ପୁଣି ...

ଏହି ଅବସରରେ ଶ୍ରୀ ପ୍ରଧାନ ଆଗାମୀ ୨୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ବିହାରରକୁ ଆର୍ଥିକ ରୂପେ ସମ୍ପନ୍ନ କରି ମୁଖ୍ୟସ୍ରୋତରେ ଯୋଡିବା ପାଇଁ ପ୍ରଧାନମନ୍ତ୍ରୀ ନିରନ୍ତର ଉଦ୍ୟମରତ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହିଁ ବିହାରରେ ଦୀର୍ଘ ଦିନରୁ ଅଚଳ ପଡିଥିବା ବରୋନି ବିଶୋଧନାଗାରକୁ କାର୍ଯ୍ୟକ୍ଷମ କରାଗଲା । ସେହିପରି ନିକଟରେ ବିହାରରେ ଗ୍ୟାସର ଚାହିଦାକୁ ପୂରଣ କରିବା ନିମନ୍ତେ ପାରାଦୀପ-ହଳଦିଆ-ଦୁର୍ଗାପୁର-ମୁଜାଫରପୁର ପାଇପଲାଇନର ବାଙ୍କା ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ବିହାରର ବାଙ୍କା ଠାରେ ଏଲପିଜି ବଟଲିଂ ପ୍ଲାଂଟ୍ ଏବଂ ଚମ୍ପାରନରେ ଏଲପିଜି ବଟଲିଂ ପ୍ଲାଂଟ୍‌ର ଲୋକାର୍ପଣ କରାଯାଇଛି ବୋଲି ସେ କହିଛନ୍ତି ।

## ଭୋଟରଙ୍କୁ ପ୍ରଲୋଭିତ କରୁଛନ୍ତି ...

ମନ୍ତ୍ରୀଙ୍କ ପ୍ରତିଶୃତିର ଠିକ୍ ଦିନକ ପରେ ବିନା ଟେଣ୍ଡରରେ ନେସ୍କୋ ପକ୍ଷରୁ ବିଦ୍ୟୁତ ଖୁଂଟି ଏକ ଗାଡିରେ ଅଣାଯାଇ ଗତକାଲି ବଡଡିହ ରାସ୍ତା କଡରେ ଥିବା ପୂର୍ବତନ ସରପଂଚ ସୁନିଲ ସେଠୀଙ୍କ ଘର ଆଗରେ ରଖାଯାଇଛି । ଗତ ଦୁଇ ଦିନ ତଳେ ନେସ୍କୋ ଦ୍ୱାରା ନୂଆ ଟ୍ରାନ୍ସଫରମର ଲଗାଇ ଶ୍ରୀରାମପୁର ପଂଚାୟତକୁ ବିଦ୍ୟୁତ ସଂଯୋଗ କରାଯାଇଥିଲା । ଏହି ଘଟଣାରେ ନିର୍ବାଚନ ଅଧିକାରୀ ନିରପେକ୍ଷ ତଦନ୍ତ କରି ଶକ୍ତିମନ୍ତ୍ରୀ ଏବଂ ନେସ୍କୋ କର୍ତୃପକ୍ଷଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ସହ କାରଣ ଦର୍ଶାଅ ନୋଟିସ ପଠାଇବାକୁ ପ୍ରତିନିଧୀ ଦଳ ଦାବି କରିଛି । ସେହିପରି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ଗାଁ ଗାଁ ବୁଲି ନିର୍ବାଚନ ପ୍ରଚାର କରିବା ସମୟରେ ଭୋଟରଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଘଂନ କରିଛନ୍ତି । ପ୍ରଚାର ସମୟରେ ଖୋଦ୍ ମନ୍ତ୍ରୀ କୋଭିଡ ଗାଇଡଲାଇନକୁ ବି ଉଲ୍ଲଘଂନ କରି ଚାଲିଛନ୍ତି ବୋଲି ବିଭିନ୍ନ ଫଟୋ ଓ ଭିଡିଓରେ ଦୃଶ୍ୟମାନ ହୋଇଛି । ଏହି ଘଟଣାରେ ନିର୍ବାଚନ ଅଧିକାରୀ ନିରପେକ୍ଷ ତଦନ୍ତ କରି ବାନେଶ୍ୱରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧୀ ଦଳ ଦାବି କରିଛି । ଏହି ସମସ୍ତ ବେଆଇନ କାର୍ଯ୍ୟର ଫଟୋ ଓ ଭିଡିଓ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରି ଆଗାମୀ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ବିଜେପି ଦାବି କରିଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଲିଗାଲ୍ କୋଡିନେଟର ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

## ଗିରଫ ପରେ...

ୟୁନିଟ୍-୩ସ୍ଥିତ ଜେନେରାଲ ପବ୍ଲିକ ହେଲଥ୍(ଜିପିଏଚ୍) ଡିଭିଜନ୍-୨ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଶ୍ରୀ ପ୍ରଧାନ କାର୍ଯ୍ୟରତ। ତାଙ୍କ ପୁଅ ରଶ୍ମିତ ରଞ୍ଜନ ପ୍ରଧାନଙ୍କର ଆଫାୟାର ଇନଫ୍ରା ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ନାଁରେ ବିଲ୍ଡର କମ୍ପାନି ରହିଛି। ଏହି ସଂସ୍ଥା ବାଲିଅନ୍ତା କଂଟିଲୋ-ନୂଆଗାଁ ରାସ୍ତାରେ ଏକ ଆପାର୍ଟମେଂଟ ତିଆରି କରୁଛି। ସହକାରୀ ନିର୍ବହୀ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଆୟ ବର୍ହିଭୂତ ସମ୍ପତି ଏହି ଆପାର୍ଟମେଂଟରେ ବିନିଯୋଗ କରାଯାଇଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ଖୋଳତାଡ଼ ଜାରି ରଖିଛି। ଶାସ୍ତ୍ରୀନଗରରେ ଠାବ ହୋଇଥିବା ଦୁଇ ମହଲା କୋଠାର ମୂଲ୍ୟ ୨୨ଲକ୍ଷ ଟଙ୍କା ହୋଇଥିବା ବେଳେ ନୟାପଲ୍ଲୀ ବେହେରାସାହିରେ ଥିବା ତିନି ମହଲା କୋଠାର ମୂଲ୍ୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ରାଜଧାନୀରେ ସୁସ୍ଥ...

ୟୁନିଟ-୬ରୁ ୭ ଜଣ ଲେଖାଏଁ, ପୁରୁଣା ଭୁବନେଶ୍ୱର, ଲକ୍ଷ୍ମୀସାଗରରୁ ୬ ଜଣ ଲେଖାଏଁ, ପାତ୍ରପଡ଼ା, ବରମୁଣ୍ଡାରୁ ୫-୫ ଜଣ, ସୌଭାଗ୍ୟ ନଗର, ନିଳାଦ୍ରି ବିହାର, ବମିଖାଲ, ସହିଦ ନଗର, ରସୁଲଗଡ଼, ଜାଗମରା, ମଂଚେଶ୍ୱରରୁ ୪ ଜଣ ଲେଖାଏଁ, କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ଭିଜିଲାନ୍ସ ଜାଲରେ...

ଏ ନେଇ ରାକେଶ ଭିଜିଲାନ୍ସ କୁ ସୂଚନା ଦେବାପରେ ମାଲକାନଗିରି ଜିଲ୍ଲା ଭିଜିଲାନ୍ସ ଡି ଏସ୍ ପି ଙ୍କ ନେତୃତ୍ୱରେ ଏକ ଟିମ ପଡିଆ ମେଡିକାଲ ରେ ଚଢ଼ାଉ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଯୋଜନା ମୁତାବକ ଭିଜିଲାନ୍ସ ଟିମ ପଡିଆ ମେଡିକାଲ୍ ପହଁଚିବା ସହ ବିପିଏମ ଶ୍ରୀ ଅତିବୁଦ୍ଧି ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଧରାପଡିଥିବା ଜଣେ ଭିଜିଲାନ୍ସ ଅଧିକାରୀ କହିଛନ୍ତି । ଏହାପରେ ଶ୍ରୀ ଅତିବୁଦ୍ଧି ଙ୍କୁ ମାଲକାନାଗିରି ଭିଜିଲାନ୍ସ କାର୍ଯ୍ୟାଳୟ କୁ ନେଇ ପଚରାଉଚରା କରାଯିବା ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ଜାରୀ ରହିଥିବା କୁହାଯାଇଛି।

## କରୋନାରୁ ଆଉ...

୧୦୦ଜଣ, ସମ୍ବଲପୁରରୁ ୯୮ଜଣ, ଯାଜପୁରରୁ ୯୪ଜଣ, କେନ୍ଦ୍ରାପଡ଼ାରୁ ୭୧ଜଣ, ଝାରସୁଗୁଡ଼ାରୁ ୭୦ଜଣ, ଢ଼େଙ୍କାନାଳରୁ ୬୬ଜଣ, ପୁରୀରୁ ୬୫ଜଣ, କଳାହାଣ୍ଡିରୁ ୬୧ଜଣ, ଭଦ୍ରକରୁ ୫୮ଜଣ, ଜଗତସିଂହପୁରୁ ୫୬ଜଣ, ବାଲେଶ୍ୱରରୁ ୪୮ଜଣ, ନବରଙ୍ଗପୁରରୁ ୪୮ଜଣ, ମାଲକାନଗିରିରୁ ୪୫ଜଣ, ସୁବର୍ଣ୍ଣପୁରରୁ ୪୫ଜଣ, କେନ୍ଦୁଝରରୁ ୩୯ଜଣ, କନ୍ଧମାଳରୁ ୩୮ଜଣ, ଗଞ୍ଜାମରୁ ୩୪ଜଣ, ନୟାଗଡ଼ରୁ ୩୦ଜଣ, କୋରାପୁଟରୁ ୨୯ଜଣ, ରାୟଗଡ଼ାରୁ ୨୭ଜଣ, ଦେବଗଡ଼ରୁ ୧୬ଜଣ, ଗଜପତିରୁ ୮ଜଣ, ବୌଦ୍ଧରୁ ୫ଜଣ ଓ ଷ୍ଟେଟପୁଲରୁ ୮୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ଭୁବନେଶ୍ୱର ବିଜେପିରେ...

ରାଜାରାଣୀ ମଣ୍ଡଳର ଅମରଜ୍ୟୋତି ଜଗଦେବ, ଗ୍ରାମୀଣ ମଣ୍ଡଳର ଅରୁଣ ପୁରୋହିତଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୟାପଲ୍ଲୀ ମଣ୍ଡଳର ସଭାପତି ଭାବେ ଜଗନ୍ନାଥ ବେହେରା, ବୁଦ୍ଧେଶ୍ୱରୀ ମଣ୍ଡଳର ସନ୍ତୋଷ ଜେନା, ବନଦୁର୍ଗା ମଣ୍ଡଳର ଫରୋଜ ଖାନ୍ , ଶ୍ରୀରାମ ମଣ୍ଡଳର ଶଶୀପ୍ରଭା ରଥଙ୍କୁ ନିଯୁକ୍ତି ଦିଆଯାଇଛି। ଉତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶ୍ରୀକୃଷ୍ଣ ମଣ୍ଡଳର ସଭାପତି ଭାବେ ଅଂଜନ ନାଥଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ , ଚନ୍ଦ୍ରଶେଖରପୁର ମଣ୍ଡଳର ଦାମୋଦର ବେହେରା , ବାଣୀବିହାର ମଣ୍ଡଳର ବିଜୟ କୁମାର ରାଉତ ଏବଂ ଗ୍ରାମୀଣ ମଣ୍ଡଳର ଯତୀନ୍ଦ୍ର ମହାନ୍ତିଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି ।

# ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ରାଜ୍ୟସ୍ତରୀୟ ପ୍ରତିନିଧି ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୨୧।୧୦ (ନି.ପ୍ର): କୃଷି କ୍ଷେତ୍ରରୁ କର୍ପୋରେଟ୍ ହଟାଅ-କୃଷି ଓ କୃଷକ ବଂଚାଅ ଆହ୍ୱାନ ଦେଇ ଜନବିରୋଧୀ କୃଷି ଆଇନ୍ ବିରୋଧରେ ଆଜି ଭୁବନେଶ୍ୱର ନେତାଜୀ ଭବନ(ଫରୱାଡ୍ ବ୍ଲକ ରାଜ୍ୟ କାର୍ଯ୍ୟାଳୟ )ଠାରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି,ଓଡିଶା ପକ୍ଷରୁ ଏକ ରାଜ୍ୟସ୍ତରୀୟ କୃଷକ ପ୍ରତିନିଧି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କୃଷକ ସଂଗଠନ ମାନଙ୍କ ପକ୍ଷରୁ ସର୍ବଶ୍ରୀ ସନାତନ ପାତ୍ର, ସୁରେଶ ପାଣିଗ୍ରାହୀ, ଅଶୋକ ପ୍ରଧାନ, ଜ୍ୟୋତିରଞ୍ଜନ ମହାପାତ୍ର, ଭାଲଚନ୍ଦ୍ର ଷଡଙ୍ଗୀ, ଶଙ୍କର ସାହୁ, ବାସୁଦେବ ଦାସ, ନରେନ୍ଦ୍ର ମହାନ୍ତି, ସଚ୍ଚିନ୍ ମହାପାତ୍ର ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ କୁ ପରିଚାଳନା କରିଥିଲେ । ଅଲ୍ ଇଣ୍ଡିଆ ଅଗ୍ରଗାମୀ କିଷାନ୍ ସଭା ପକ୍ଷରୁ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସ୍ୱାଗତ ଅଭିଭାଷଣ ପରେ ଅଲ୍ ଇଣ୍ଡିଆ କିଷାନ ସଭା(ଓଡ଼ିଶା)ର ରାଜ୍ୟ ସଂପାଦକ ସୁରେଶ ପାଣିଗ୍ରାହୀ କନଭେନସନ୍ ର ଭିତ୍ତିପତ୍ର ତଥା ଘୋଷଣାପତ୍ର ଉପସ୍ଥାପନ କରିଥିଲେ । ଅଲ୍ ଇଣ୍ଡିଆ କ୍ଷେତ ମଜଦୁର୍ କିଷାନ ସଭାର ଶ୍ରୀକାନ୍ତ ମହାନ୍ତି କୃଷକର ସର୍ବନାଶକାରୀ କର୍ପୋରେଟ୍ ମଡେଲ କୃଷି ଆଇନ୍ ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଇ କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ପଞ୍ଜାବ ସରକାର ଆଣିଥିବା ବିଲ୍ ସଦୃଶ ଓଡିଶା ସରକାର ଅନୁରୂପ ବିଲ୍ ଆଣିବାକୁ ଦାବି କରିଥିଲେ ।ଅଲ୍ ଇଣ୍ଡିଆ କିଷାନ ସଭା(ଓଡିଶା)ର ଜଗନ୍ନାଥ ମିଶ୍ର କର୍ପୋରେଟ୍ ଶୋଷଣ ଓ ସାଂପ୍ରଦାୟିକ ରାଜନୀତିକୁ ଚରିତାର୍ଥ କରିବାକୁ ସରକାର ଜାତି ଓ ଧର୍ମ ନାମରେ ଜନସାଧାରଣଙ୍କୁ ଭାଗଭାଗ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଅଲ୍ ଇଣ୍ଡିଆ ଅଗ୍ରଗାମୀ କିଷାନ ସଭାର ଅନିରୁଦ୍ଧ ମଲ୍ଲିକ ଗ୍ରାମାଂଚଳରେ ଏହି ଭଳି ପ୍ରତିବାଦ ଗୁଡିକୁ ତୀବ୍ରତର କରିବାକୁ ମତ ଦେଇଥିବା ବେଳେ ଅଲ୍ ଇଣ୍ଡିଆ କିଷାନ ସଭା ର ନୃସିଂହ ବେହେରା କର୍ପୋରେଟ୍ ଦଲାଲରାଜ୍ ବିରୋଧରେ ପ୍ରତ୍ୟେକ ଅଂଚଳରେ ଜନସାଧାରଣଙ୍କୁ ସଚେତନ ଓ ସଂଗଠିତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଚାଷୀ ମୂଲିଆ ସୁରକ୍ଷା ଓ ସଂଗ୍ରାମ ପରିଷଦ, କନ୍ଧମାଳର ବଳଭଦ୍ର ମଳିକ କନ୍ଧମାଳ ଜିଲ୍ଲାରେ ହଳଦୀ ଚାଷୀ ଓ ମକାଚାଷୀ ମାନଙ୍କୁ ସରକାର ଓ ବ୍ୟବସାୟୀ ମାନଙ୍କ ଶୋଷଣ ବିଷୟରେ ବର୍ଣ୍ଣନା କରି ଜଳ-ଜମି ଓ ଜଙ୍ଗଲ ର ସୁରକ୍ଷା ପାଇଁ ମିଳିତ ଆନ୍ଦୋଳନ ବ୍ୟତୀତ ଅନ୍ୟ ରାସ୍ତା ନାହିଁ ବୋଲି ମତ ଦେଇଥିଲେ । ଅଲ୍ ଇଣ୍ଡିଆ କିଷାନ ମହାସଭାର ଅଶୋକ ପ୍ରଧାନ ଜନବିରୋଧୀ କୃଷି ଆଇନ୍ ବିରୋଧରେ ଆଗାମୀ ନଭେମ୍ବର ୨୬ ତାରିଖରେ ଦେଶବ୍ୟାପୀ ଗାମାଂଚଳ ବନ୍ଦ କୁ ସଫଳ କରିବାକୁ ଆହ୍ୱାନ ଦେଇଥିବା ବେଳେ ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ଶଙ୍କର ସାହୁ ଚାଷୀ ମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ କୃଷକବିରୋଧୀ ଆଇନ୍ ପ୍ରତ୍ୟାହାର ହେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ ।

ଗୁରୁବାର, ୨୨ ଅକ୍ଟୋବର ୨୦୨୦
# ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

## କୋଭିଡ ସମୟରେ ଉପଯୁକ୍ତ ବ୍ୟବହାର ଶିର୍ଷକ ୱେବିନାର ଆୟୋଜିତ

ବାରିପଦା ,୨୧।୧୦ (ନି.ପ୍ର): ଭାରତ ସରକାରଙ୍କ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କୋଭିଡ ସମୟରେ ଉପଯୁକ୍ତ ବ୍ୟବହାର ଶିର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ଚିକିତ୍ସାଧିକାରୀ ଡା. ନିହାର ଦାସ, ଉଦଳା ଉପଖଣ୍ଡ ହୋସପିଟାଲ ର ଅଧିକାରୀ ଡା. ଶିବାନନ୍ଦ ମହାନ୍ତି , ଜିଲ୍ଲା କୋଭିଡ ନୋଡାଲ ଅଧିକାରୀ ଡା. ଜ୍ଞାନେନ୍ଦ୍ର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅନୁଶୟା ସାହୁ ପ୍ରମୁଖ ଯୋଗଦେଇ ମାସ୍କ ପିନ୍ଧିବା , ସାମାଜିକ ଦୂରତା ରକ୍ଷା କରିବା ସହ ହାତ ଓ ମୁହଁକୁ ବାରମ୍ବାର ଧୋଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପରୋକ୍ତ ତିନୋଟି ବିଷୟପ୍ରତି ଧ୍ୟାନ ଦେଲେ କୋଭିଡ ମହାମାରୀରୁ ନିଜକୁ ସୁରକ୍ଷିତ ରଖିହେବ ବୋଲି ମତପୋଷଣ କରିଛନ୍ତି। କୋଭିଡ ସମୟରେ ଉପଯୁକ୍ତ ବ୍ୟବହାରନ୍ତ ଶିର୍ଷକ ଜାତୀୟ ଜନସଚେତନତା ଅଭିଯାନକୁ ଟ୍ୱିଟ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିକଟ ଅତୀତରେ ଶୁଭାରମ୍ଭ କରିଛନ୍ତି। ଏହାର ଅଂଶ ସ୍ୱରୁପ କେନ୍ଦୁଝରସ୍ଥିତ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୁପ ସଚେତନତା ମୂଳକ ୱେବିନାର ଆୟୋଜିତ ହୋଇଯାଇଛି। ଏହି ୱେବିନାରରେ କୋଭିଡ ସମ୍ବନ୍ଧିୟ ବିଭିନ୍ନ ସୂଚନା ଧର୍ମୀ କାର୍ଯ୍ୟକ୍ରମ ଗୁଡିକ ବିଷୟରେ ଆଲୋଚକ ମାନେ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ ମୟୂରଭଞ୍ଜ ଜିଲ୍ଲାର ଶତାଧିକ ଅଧିକାରୀ ଯୋଗ ଦେଇଥିଲେ। କେନ୍ଦୁଝର କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଜୀବନ କୁମାର ସାମନ୍ତ ସଭାର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ଅର୍ଥ ଲୁଟି ମଧ୍ୟ ଲୋକଙ୍କୁ ମୌଳିକ ସେବା ନାହିଁ

## ଦୁର୍ନୀତିଗ୍ରସ୍ତ ଦଳର ପ୍ରାର୍ଥୀଙ୍କୁ ଉଚିତ ଜବାବ ଦିଅ : ସୁରେଶ ପୂଜାରୀ



ବାଲେଶ୍ୱର,୨୧।୧୦ (ନି.ପ୍ର): ଚଳିତ ସଦର ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରରେ ଅଂଶଗ୍ରହଣ କରିଥିବା ବରଗଡ଼ର ବିଜେପି ସାଂସଦ ସୁରେଶ ପୂଜାରୀ ବାଲେଶ୍ୱରର ପ୍ରତ୍ୟେକ କ୍ଷେତ୍ରରେ ବଢି ପାଇଥିବା ଦୁର୍ନୀତି, ଭ୍ରଷ୍ଟାଚାର ଓ ବିଭିନ୍ନ କ୍ଷେତ୍ରରେ ଅବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ ଯୋଗଦେଇ ସହର ସମେତ ଜିଲ୍ଲାବାସୀଙ୍କୁ ଦୀର୍ଘଦିନ ଧରି କରାଯାଇଥିବା ଅବହେଳା ସମ୍ପର୍କରେ ସୂଚନା ଦେଇଛନ୍ତି। ବିଶେଷ କରି ପୌରାଞ୍ଚଳ ଓ ପଞ୍ଚାୟତ ସ୍ତରରେ ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନରେ ରାଜ୍ୟ ସରକାରଙ୍କ ବିଫଳତାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ଲୋକାଲ ଫଣ୍ଡ ଅଡିଟ୍ ରିପୋର୍ଟକୁ ଆଧାରରେ ପୌରାଞ୍ଚଳ ଓ ଗ୍ରାମାଞ୍ଚଳ ବିକାଶ ପାଇଁ ଆସୁଥିବା ଅନୁଦାନକୁ ସରକାର ଓ ପ୍ରଶାସନ ଖର୍ଚ୍ଚ କରିପାରୁ ନାହାନ୍ତି। ଏମିତିକି ହେଉଥିବା ଖର୍ଚ୍ଚର ହିସାବ ଏବଂ ବିନିଯୋଗ ପ୍ରମାଣପତ୍ର ପ୍ରଦାନରେ ଶାସନକଳର ବିଳମ୍ବତା ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଅଦ୍ୟାବଧି ଜିଲ୍ଲା ପରିଷଦରେ ୧୫ କୋଟି, ପଞ୍ଚାୟତ ସମିତିରେ ୨୫୭ କୋଟି ଓ ଗ୍ରାମ ପଞ୍ଚାୟତରେ ୧୭୦ କୋଟି ଟଙ୍କା ଖର୍ଚ୍ଚ ହୋଇ ନପାରି ପଡ଼ି ରହିଛି। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାଦେଶ ସହ ବିଜେଡି କର୍ମୀମାନେ ସମ୍ପୃକ୍ତ ଅଟକଳ ଅର୍ଥରୁ କୋଟି କୋଟି ଟଙ୍କା ଅଗ୍ରୀମ ଆକାରରେ ନେଇଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ସବୁଠାରୁ ବଡ଼କଥା ହେଲା ଗତ ୫ବର୍ଷରେ ଅମୃତ ଯୋଜନା କାର୍ଯ୍ୟକାରୀରେ କେନ୍ଦ୍ର ପ୍ରଦତ୍ତ ୮୮୫ କୋଟି ଟଙ୍କାର ଖର୍ଚ୍ଚର ହିସାବ ଏବେ କାହା ପାଖରେ ନାହିଁ। ତେବେ ବାଲେଶ୍ୱର ସହରର ବିକାଶ ପାଇଁ ଏହି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଥିଲେ ବି ବାସ୍ତବରେ କେଉଁଠି ଆଖିଦୃଶିଆ କାର୍ଯ୍ୟ ହୋଇଛି, ତାହା ସାଧାରଣ ଜନତା ବେଶ ଭଲ ଭାବେ ଜାଣିଛନ୍ତି। ପାଇପ ପାଣି ଯୋଗାଣ ଯୋଜନା, ପବ୍ଲିକ ପାର୍କ, ସିଟି ବସ୍ ଚଳାଚଳ ଆଦି ଯୋଜନା ଏବେ କେଉଁଠି ବୋଲି ନିର୍ବାଚନ ପ୍ରଚାରରେ ଆସୁଥିବା ବିଜେଡି ନେତାଙ୍କୁ ପଚାରିବାକୁ ଶ୍ରୀ ପୂଜାରୀ ବାଲେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ କୋଟିକୋଟି ଟଙ୍କା ଲୁଟି ଚାଲିଥିବା ଦଳର ପ୍ରାର୍ଥୀଙ୍କୁ ଏହି ନିର୍ବାଚନ ମାଧ୍ୟମରେ ଉଚିତ ଜବାବ ଦେବାକୁ ସେ ସମସ୍ତଙ୍କୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ନାମଲେଖା ଚାଲିଛି
“ସା ବିଦ୍ୟା ଯା ବିମୁକ୍ତୟେ”
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଃଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ବାଲେଶ୍ୱରରେ ୬୧ତମ ପୁଲିସ ଶହୀଦ ଦିବସ



ବାଲେଶ୍ୱର,୨୧।୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପୁଲିସ ପକ୍ଷରୁ ୬୧ତମ ପୁଲିସ ଶହୀଦ୍ ଦିବସ ସହରର ପୁଲିସ ଲାଇନ୍ ରିଜର୍ଭ ପଡ଼ିଆରେ ଆଜି ପାଳିତ ହୋଇଯାଇଛି। ପୂର୍ବାଞ୍ଚଳ ଜୋନ୍ ପୁଲିସ ଆଇଜି ଦୀପ୍ତେଶ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ତ୍ତବ୍ୟନିଷ୍ଠ କାର୍ଯ୍ୟଧାରା ପୁଲିସକୁ ସାଧାରଣରେ ପ୍ରଶଂସାଭାଜନ ସହ ମହନିୟତାକୁ ପ୍ରତିପାଦିତ କରିଥିବା ସେ ପ୍ରକାଶ କରିଥିଲେ। ୧୯୫୯ ମସିହାର ଅକ୍ଟୋବର ୨୧ ତାରିଖରେ ଚୀନ୍ ସୈନ୍ୟଙ୍କ ଅତର୍କିତ ଆକ୍ରମଣରେ ଭାରତର ଏକାଳୀନ ୧୧ ଜଣ ସିଆରପିଏଫ ସୈନ୍ୟ ମୃତ୍ୟୁ ବରଣ କରିଥିଲେ। ସ୍ମୃତିରକ୍ଷା ସହ ଶହୀଦଙ୍କୁ ଶ୍ରଦ୍ଧାଂଜଳି ପ୍ରଦାନ ଉଦ୍ଦେଶ୍ୟରେ ୧୯୬୦ ମସିହାଠାରୁ ପ୍ରତିବର୍ଷ ଏହି ଦିନକୁ ଶହୀଦ ଦିବସ ରୂପେ ପାଳନ କରାଯାଉଥିବା ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ୨୦୧୯ ରୁ ୨୦୨୦ ମସିହା ମଧ୍ୟରେ ଅର୍ଥାତ ଗୋଟିଏ ବର୍ଷରେ ଭାରତର ବିଭିନ୍ନ ରାଜ୍ୟରେ ମୋଟ ୨୬୪ ଜଣ କର୍ତ୍ତବ୍ୟରତ ପୁଲିସଙ୍କର ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଥିଲେ। ତେବେ ଏଥିରେ କରୋନା ଓ ଅନ୍ୟାନ୍ୟ ଘଟଣାକ୍ରମରେ ଓଡ଼ିଶାରୁ ମୋଟ ୪୧ ଜଣ ଶହୀଦ ହୋଇଥିବା ସେ କହିଥିଲେ । ତନ୍ମଧ୍ୟରୁ ପୂର୍ବାଞ୍ଚଳ ଜୋନର ମୟୂରଭଞ୍ଜର ଏଡିସନାଲ ଏସପି ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ୨ ଜଣ ପୁଲିସ କର୍ମଚାରୀ ରହିଥିବା ଆଇଜି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ଅବସରରେ ଆଇଜି ଶ୍ରୀ ପଟ୍ଟନାୟକ, ଏସପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ନାୟକ, ଏଡିସନାଲ ଏସପି ଦୀପକ କୁମାର ରଥ, ଗୋବିନ୍ଦ ଚନ୍ଦ୍ର ସେଠୀ, ଅମରେଶ ପାଣିଗ୍ରାହୀ ଓ ମନୋରଂଜନ ସାମାଲ ପ୍ରମୁଖଙ୍କ ସମେତ ଡିଏସପି ମନୋଜ କୁମାର ରାଉତ, ଉମେଶ କୁମାର ପଣ୍ଡା, ସଂଗ୍ରାମ କେଶରୀ ବେହେରା ଓ ରବୀନ୍ଦ୍ର କୁମାର ସେଠୀ, ଇନସ୍ପେକ୍ଟର ଶୁଭ୍ରାଂଶୁ ଶେଖର ନାୟକ, କୃଷ୍ଣଚନ୍ଦ୍ର ପଲେଇ, କ୍ଷମାସାଗର ପଣ୍ଡା ଓ ମୀନତି ବିଶ୍ୱାଳ ଏବଂ ଜିଲ୍ଲା ପୁଲିସର ବହୁ ବିରଷ୍ଠ ଅଧିକାରୀ ଶହୀଦ୍ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦିବଂଗତ ଆତ୍ମାଙ୍କପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ପୁଲିସଙ୍କ ଦ୍ୱାରା ପ୍ରଦର୍ଶନ ପ୍ୟାରେଡ୍‌କୁ ଆରଆଇ ଦିଲ୍ଲୀପ କୁମାର ସାମନ୍ତରାୟ ପରିଚାଳନା କରିଥିଲେ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୧୯ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୧।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୧୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୭୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୦୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ବିପୁଳ ପରିମାଣର ମୂଲ୍ୟବାନ କାଠ ଜବତ



ଗୁଣୁପୁର ,୨୧।୧୦ (ନି.ପ୍ର): ରାୟଗଡା ଜିଲ୍ଲାର ଗୁଣୁପୁର ଉପଖଣ୍ଡ ଗୁଡାରି ବନାଞ୍ଚଳର କଦମା ଗ୍ରାମପଞ୍ଚାୟତର କର୍ଲାଗୁଡି ଗ୍ରାମରୁ ବିପୁଳ ପରିମାଣର ମୂଲ୍ୟବାନ କାଠ ଜବତ୍ କରାଯାଇଛି । ବହୁ ଦିନରୁ କର୍ଲାଗୁଡି ଗ୍ରାମରେ ତ୍ରିନାଥ ଜାଗାରଙ୍ଗା ନାମକ ଜଣେ ବ୍ୟକ୍ତି ନିଜ ଘରେ ବହୁ ମୂଲ୍ୟବାନ ଶାଳ, ପିଆଶାଳ, ଶାଗୁଆନ ଓ ବିଜା କାଠ ଓ ପଟା ରଖି ବ୍ୟବସାୟ କରୁଥିବା ଅଞ୍ଚଳରେ ପ୍ରଘଟ ହେଉଥିବାର ଜଣାପଡିଛି । କୌଣସି ସୂତ୍ରରୁ ସୂଚନା ପାଇ ଗୁଡାରି ରେ ଅଫିସର ସଂଘମିତ୍ରା ଭୋଇ କଦମା ଗ୍ରାମରେ ଯାଇ ଅଚାନକ ପହଞ୍ଚି ଥିଲେ ଓ ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାଠକୁ ଜବତ କରିଛନ୍ତି । ତାଙ୍କ କହିବା ଅନୁଯାୟୀ ୫୧ ସି.ଏଫ.ଟି ବିଜା କାଠ ଏବଂ ସାଇଜ ପିସ ଶାଳ କାଠ ଏବଂ ପଟା ଅଭିଯୁକ୍ତଙ୍କ ଘରୁ ଜବତ କରାଯାଇଛି। ଅଭିଯୁକ୍ତ ତ୍ରିନାଥ ଜାଗାରାଙ୍ଗା ଦୀର୍ଘଦିନ ଧରି ଚୋରା କାଠ ବ୍ୟବସାୟ କରୁଥିବା କହିଛନ୍ତି। ତ୍ରିନାଥଙ୍କ ଘରୁ ୪୫ଖଣ୍ଡ ସାଇଜ କାଠ ଏବଂ ୫୧ଗୋଟି ବିଜା ପଟା ଜବତ୍ କରାଯାଇଛି । ଏହି ଚଢାଉ ସମୟରେ ଗୁଡାରି ଫରେଷ୍ଟର ଗଙ୍ଗାଧର ମିଶ୍ର, ସିରିଗୁଡା ଫରେଷ୍ଟର ବରଖା ରାଣୀ ପାତ୍ର, ଫରେଷ୍ଟ ଗାର୍ଡ ପ୍ରଭାତ କୁମାର ଏବଂ ସିମାଞ୍ଚଳ ପଟନାୟକ ସହ ପାରା ଫରେଷ୍ଟ ଷ୍ଟାଫ ସନ୍ତୋଷ କୁମାର ସେଠୀ ଏବଂ ତାଙ୍କ ସହକର୍ମୀ ମାନେ ସହଯୋଗ କରିଥିଲେ।

## ଆଦର୍ଶ ମହିଳା ସର୍ବେଶ୍ୱରୀ ଆଶଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର ,୨୧।୧୦ (ନି.ପ୍ର): ଦୀର୍ଘ ୯୨ବର୍ଷ ଧରି ଚଳଚଞ୍ଚଳ ରହିଥିବା ବାଲେଶ୍ୱର ସହରସ୍ଥ ବାରବାଟୀ ଅଞ୍ଚଳର ୯୨ବର୍ଷିୟା ଆଦର୍ଶ ମହିଳା ସର୍ବେଶ୍ୱରୀ ଆଶ (ଶିବରାଣୀ)ଙ୍କ ଉଦ୍ଦେଶ୍ୟରେ ତାଙ୍କ ଦ୍ୱାଦଶାହ ତିଥିରେ ବାରବାଟୀ ସ୍ଥିତ ବାସଭବନରେ ସମବେତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳି ଅର୍ପଣ ସ୍ମୃତିସଭା ଗତ ୨୦ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । କବି କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସହରର ଅନେକ ମାନ୍ୟଗଣ୍ୟବ୍ୟକ୍ତି ଯୋଗଦେଇ ସର୍ବେଶ୍ୱରୀ ଆଶଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । ସମାଜସେବୀ ତଥା ନାରୀନେତ୍ରୀ ସୁବାସିନୀ ଜେନା ନିଜ ଶିକ୍ଷାଗୁରୁ ବିମଳ ଚନ୍ଦ୍ର ଆଶଙ୍କର ଏହି ପୂଜ୍ୟା ମା’ଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ କହିଥିଲେ ଯେ ସର୍ବେଶ୍ୱରୀଙ୍କ ଭଳି ସ୍ନେହୀ, ଆତିଥ୍ୟପରାୟଣା ଓ ନୀତିନିଷ୍ଠ, ଆଧାତ୍ମବାଦୀ ମହୀୟସୀ ମହିଳା ଆମ ସମାଜରେ ବିରଳ । ଏଥିରେ ବିଶିଷ୍ଟ ଗବେଷକ ଡ.ମନ୍ମଥ କୁମାର ପ୍ରଧାନ, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାହିତ୍ୟିକ ଡ.ଭାଗବତ ପ୍ରସାଦ ଦାସ, ଗାଳ୍ପିକା ସ୍ମୃତି ଦାସ, ଜ୍ୟେଷ୍ଠପୁତ୍ର ବିମଳ ଚନ୍ଦ୍ର ଆଶ, ଜ୍ୟେଷ୍ଠ ପୁତ୍ରବଧୂ ସୁଲେଖିକା ଡ.ସିନ୍ଧୁ ସେନ୍, ରାଜେନ୍ଦ୍ର ପଣ୍ଡା, ପାର୍ଥସାରଥି ପଣ୍ଡା, ନିଖିଳ ଆଶ, ମୃଦୁଳା ବର୍ଦ୍ଧନ୍, ଅଜୟ ବର୍ଦ୍ଧନ, ଅଜିତ ଆଶ, ଗୋକୁଳ ଆଶ, ଡା.ସୁଦୀପ୍ତ ଆଶ, ଇଂ.ଗୌରାଙ୍ଗ ଆଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଶେଷରେ ତାଙ୍କର ନାତୁଣୀ ଅଧ୍ୟାପିକା ଇଂ.ସୁଦେଷ୍ଣା ଆଶ ଧନ୍ୟବାଦ ଅର୍ପଣ କରିଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୫୪,୦୪୪ ନୂଆ ମାମଲା, ୭୧୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୧।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୪,୦୪୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୭୧୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୬,୫୧,୧୦୮. ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭,୪୦,୦୯୦ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୧୫,୯୧୪ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଅବଧି ପୁରିବା ପରେ ପଡିଲା ନିଅଁ : ଜଳେଶ୍ୱର ଆଦର୍ଶ ବିଦ୍ୟାଳୟର ପୂର୍ଣ୍ଣାଙ୍ଗ କେବେ ?

ଜଳେଶ୍ୱର,୨୧।୧୦ (ନି.ପ୍ର): ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତିବ୍ଲକରେ ଏକ ଆଦର୍ଶ ବିଦ୍ୟାଳୟ ଖୋଲା ଯିବାର ସ୍ଥିର କରାଯାଇଛି । ତେଣୁ ଆଦର୍ଶ ବିଦ୍ୟାଳୟ ଜଳେଶ୍ୱରର ବିଛିନ୍ନାଞ୍ଚଳଭାବେ ପରିଚିତ ରାଇବଣିଆ ଆଂଚଳର କାଳିକ ପଂଚାୟତରେ ଖୋଲିବାକୁ ଥିବା ବେଳେ ଅବଧି ପୁରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଗୁଣାତ୍ମକ ଶିକ୍ଷା ପ୍ରଚଳନ କରିବାଲାଗି ସରକାର ପ୍ରଚେଷ୍ଟା କରୁଥିବା ବେଳେ ବାଲେଶ୍ୱରର ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା କାଳିକ ଠାରେ ଏକ ଆଦର୍ଶ ବିଦ୍ୟାଳୟ ଖୋଲିବାର ପ୍ରତିଶୃତି ଦେଇଥିଲେ । ସେହି ଅନୁଯାୟୀ ସରକାରଙ୍କୁ ଜମି ଯୋଗାଣ, ଅର୍ଥ ମଂଜୁର ଇତ୍ୟାଦି କାର୍ଯ୍ୟ ଆରମ୍ଭ ହେବାପରେ ଟେଣ୍ଡର ମଧ୍ୟ ହୋଇଥିଲା । ଚୁକ୍ତି ଅନୁଯାୟୀ ତତ୍କାଳୀନ ପ୍ଲାନିଂ ଅନୁଯାୟୀ ୬ଶହ ଛାତ୍ରଛାତ୍ରୀଙ୍କର ଶିକ୍ଷାଦାନ ଓ ହଷ୍ଟେଲ ନିମନ୍ତେ ୩କୋଟି୨୫ଲକ୍ଷ ଟଙ୍କା ମଂଜୁର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏଥିରେ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବାଲାଗି ୪.୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଚୁକ୍ତି ଅନୁଯାୟୀ ୨୯-୬-୨୦୧୯ରେ ଏହି କାର୍ଯ୍ୟ ଆରମ୍ଭ ହୋଇ ୨୮-୯-୨୦ରେ ଶେଷ ହେବ ବୋଲି ଦର୍ଶାଯାଇଥିଲା । କିନ୍ତୁ ବିଭିନ୍ନ କାରଣରୁ ଏହା ବିଳମ୍ବିତ ହୋଇ ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଇଛି । ୫ ଏକର ବିଶିଷ୍ଟ ଏହି ସ୍ଥାନରେ ବିଦ୍ୟାଳୟ, ଝିଅ ଓ ପୁଅଙ୍କ ଅଲଗା ହଷ୍ଟେଲ, ଷ୍ଟାଫ କ୍ୱାଟାର ଓ ଖେଳ ପଡିଆ ରହୁଥିବା ବେଳେ ୧୯୪୪୨ ବର୍ଗ ମିଟର ସ୍ଥାନର ଚାରିପଟେ ଏକ ରାସ୍ତା ରଖାଯାଇଥିବା ସଂପର୍କରେ ଆଜି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ଇଞ୍ଜିନିୟର ବିଜୟ କୁମାର ଦାସ କହିଛନ୍ତି । ଆସନ୍ତା ଶିକ୍ଷାବର୍ଷରୁ ଏହି ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବାର ଲକ୍ଷ ଧାର୍ଯ୍ୟ ହୋଇଥିବା ବେଳେ ଏବେ ଜୋର୍‌ସୋରରେ କାର୍ଯ୍ୟ ଚାଲିଥିବା ଜଣାଯାଇଛି । ଆସନ୍ତା ଶିକ୍ଷାବର୍ଷକୁ ଆଉ ୬ମାସ ବାକି ଥିବା ବେଳେ କାର୍ଯ୍ୟ ଶେଷ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଉପନିର୍ବାଚନ ପାଇଁ କଂଗ୍ରେସର ନୂତନ ପ୍ରଚାରକଙ୍କୁ ଦାୟିତ୍ୱ ପ୍ରଦାନ

ଭୁବନେଶ୍ୱର ,୨୧।୧୦ (ନି.ପ୍ର): ଚଳିତ ବାଲେଶ୍ୱର ବିଧାନସଭା ଓ ତିର୍ତୋଲ ବିଧାନସଭା ଉପନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ କଂଗ୍ରେସ ପକ୍ଷରୁ ପ୍ରଚାର କରିବା ପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ପୂର୍ବରୁ ନେତୃବୃନ୍ଦମାନଙ୍କୁ ପ୍ରଚାରକ ଦାୟିତ୍ୱ ଅର୍ପଣ କରିଥିଲେ। ଆଜି ଶ୍ରୀ ପଟ୍ଟନାୟକ ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ଆଉ କେତେକ ନେତୃବୃନ୍ଦମାନଙ୍କୁ ପ୍ରଚାରକ ଦାୟିତ୍ୱ ଅର୍ପଣ କରିଛନ୍ତି। ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଚାର ଦାୟିତ୍ୱ ନିମନ୍ତେ କଂଗ୍ରେସ ନେତା ତଥା ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶ୍ରୀ ଶମ୍ଭୁ ପାଣିଗ୍ରାହୀ, ପ୍ରାକ୍ତନ ପିସିସି ସଂପାଦକ କୈଳାସ ସାହୁ (ଖୋର୍ଦ୍ଧା), ପ୍ରଶାନ୍ତ କୁମାର ସାହୁ ରହିଥିବା ବେଳେ ତିର୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଚାର ଦାୟିତ୍ୱରେ କଂଗ୍ରେସ ନେତା ତଥା ଜଗତସିଂହପୁର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଶଶିଭୂଷଣ ଲେଙ୍କା, କଂଗ୍ରେସ ନେତା ପ୍ରଦୀପ ପାତ୍ର, ପ୍ରାକ୍ତନ ପିସିସି ସଂପାଦକ ସୁଶାନ୍ତ ତ୍ରିପାଠୀ ଓ ସୂର୍ଯ୍ୟନାରାୟଣ ପଣ୍ଡା, ସଂଖ୍ୟାଲଘୁ ନେତା ଆବୁ ସମା ଓ ସୁଲତାନ୍ ସୈଫୁଲା ଖାନ୍, ରାଜ୍ୟ ମହିଳା କଂଗ୍ରେସର ସଂପାଦିକା ନିରୁପମା ପାତ୍ର, ନରେଶ ମହାନ୍ତି, ଅଲେଖ ସାମଲ, ଆର.ଜି.ପି.ଆର.ଏସ୍. ଢ଼େଙ୍କାନାଳ ଜିଲ୍ଲା ସଂଯୋଜକ ସୁବାଷ ଚନ୍ଦ୍ର ପ୍ରଧାନ, ପିସିସି ମିଡିଆ ପ୍ରାକ୍ତନ ସଂଯୋଜକ ଦୀପକ କୁମାର ମହାପାତ୍ର ଏବଂ ଓବିସି ନେତା ମନୋଜ ସାହୁ ପ୍ରମୁଖ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ କରାଯାଇଛି।

## ୬୦ ଲିଟର ଦେଶୀ ମଦ ସହ ବାଇକ୍ ଜବତ୍ : ୧ ଗିରଫ

ଜଳେଶ୍ୱର,୨୧।୧୦ (ନି.ପ୍ର): ଆଜି ଜଣେ ଚୋରା ମଦ ବେପାରୀ ମୟୂରଭଂଜ ଓ ପଶ୍ଚିମ ମେଦିନୀପୁର ସୀମା ଅଂଚଳର ଏକ ମଦଭାଟିରୁ ପ୍ରାୟ ୬୦ଲିଟର ଦେଶୀ ଚୋରା ମଦ ଧରି ଜଳେଶ୍ୱର ଅଭିମୁଖେ ଆସୁଥିବା ବେଳେ ଜଳେଶ୍ୱର ଅବକାରୀ ବିଭାଗ ତାକୁ କାବୁ କରିଥିଲା । ଘଟଣାରୁ ପ୍ରକାଶ, ଆଜି ଓଡି୧୧ଆର୍-୪୧୭୬ ବାଇକ୍‌ରେ ଜନୈକ ଯୁବକ ୬୦ଲିଟର ଦେଶି ଚୋରାମଦ ଧରି ଦାନ୍ତିଆମୁହାଁଠାରୁ ଜଳେଶ୍ୱରକୁ ଆସୁଥିବା ବେଳେ ପୂର୍ବରୁ ଛକି ରହିଥିବା ଜଳେଶ୍ୱର ଅବକାରୀ କର୍ମଚାରୀ ତାକୁ କାବୁ କହିଥିଲେ । ଯୁବକର ନାମ ଅଜୟ ମହନ୍ତ ହୋଇଥିବା ବେଳେ ବାଇକ୍‌ଟି ରଘୁନାଥ ବିନ୍ଧାଣୀଙ୍କ ନାମରେ ଥିବା ଜଣାଯାଇଛି । ଏହି ବାଇକ୍‌ରେ ବିଭିନ୍ନ ସମୟରେ ଜଳେଶ୍ୱରକୁ ମଦ ଆସୁଥିବା ଅବକାରୀ ବିଭାଗ ସୂତ୍ରରୁ କୁହାଯାଇଛି । ଆଜି ଜଳେଶ୍ୱର ଅବକାରୀ ଏସ୍‌ଆଇ ହରପ୍ରସାଦ ରଣାଙ୍କ ନେତୃତ୍ୱରେ ମଙ୍ଗଳ ସିଂ, ଶଶିଭୂଷଣ ସ୍ୱାଇଁ, ରାଜୀବ ଭଂଜ, ପିଙ୍କି ମାରାଣ୍ଡି ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo